Bhubaneswar, Thursday, August 27, 2026
ଭୁବନେଶ୍ୱର,ଗୁରୁବାର,ଅଗଷ୍ଟ ୨୭, ୨୦୨୬
Vol-01, Issue-118
ବର୍ଷ-୦୧, ସଂଖ୍ୟା -୧୧୮
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

# ନେପାଳରେ ହଠାତ୍ ଭୟଙ୍କର ବନ୍ୟା : ୧୬୦ ମୃତ, ୧୦୦୦ରୁ ଅଧିକ ନିଖୋଜ



କାଠମାଣ୍ଡୁ, ୨୬/୮: ନେପାଳର ରସୁଓ୍ୱା ଜିଲ୍ଲାରେ ବୁଧବାର ସକାଳେ ଭୋଟେକୋଶୀ ନଦୀରେ ହଠାତ୍ ଭୟଙ୍କର ବନ୍ୟା ଆସି ବ୍ୟାପକ ଧ୍ୱଂସ ଘଟାଇଛି। ନଦୀ କୂଳରେ ଥିବା ବଜାର, ବସ୍ତି, ରାସ୍ତା ଓ ବ୍ରିଜ୍ ଭାସିଯାଇଛି। ତିମୁରେ ରୁ ସ୍ୟାଫ୍ରୁବେଶୀ ପର୍ଯ୍ୟନ୍ତ ବଡ଼ ଅଞ୍ଚଳରେ ବନ୍ୟାଜଳ ପଶିଛି। ଏହି ବନ୍ୟାରେ ୧୦୦୦ରୁ ଅଧିକ ଲୋକ ନିଖୋଜ ଥିବା ବେଳେ ୩୦୦ରୁ ଅଧିକ ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରେ ୧୦୦ରୁ ଅଧିକ ଭାରତୀୟ ଥିବା ଜଣାପଡ଼ିଛି। ବନ୍ୟାରେ କ୍ଷୟକ୍ଷତିର ପ୍ରକୃତ ଆକଳନ ଏପର୍ଯ୍ୟନ୍ତ ହୋଇନାହିଁ। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଉଦ୍ଧାରକାରୀ ଦଳ ମଧ୍ୟ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି। ନେପାଳ ସରକାର ସଂସଦରେ କହିଛନ୍ତି ଯେ ବୁଧବାର ସକାଳେ ଭୋଟେକୋଶୀ ନଦୀରେ ହଠାତ୍ ଆସିଥିବା ବନ୍ୟା ପଛରେ ଭୂକମ୍ପ ଓ ହିମସ୍ଖଳନ ଥିବା ନେଇ ପ୍ରାଥମିକ ସୂଚନା ମିଳିଛି।

ଏହି ବିପର୍ଯ୍ୟୟ ପରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏତେ ବିପୁଳ ଜଳରାଶି ହଠାତ୍ ଭୋଟେକୋଶୀ ନଦୀକୁ ଆସିଲା କେଉଁଠୁ? ନେପାଳର ଭୂବିଜ୍ଞାନ ବିଶେଷଜ୍ଞଙ୍କ ପ୍ରାଥମିକ ଆକଳନ ଅନୁସାରେ, ଚୀନ୍ର ତିବ୍ବତ ଅଞ୍ଚଳରେ ଥିବା କୌଣସି ହିମନଦୀ ହ୍ରଦ ଭାଙ୍ଗିଯିବା କିମ୍ବା ହିମସ୍ଖଳନ ଯୋଗୁଁ ଏହି ବନ୍ୟା ଆସିଥାଇପାରେ। ତେବେ ଏହା ଏବେ ସୁଦ୍ଧା ଏକ ପ୍ରାଥମିକ ଆକଳନ ମାତ୍ର।

ତ୍ରିଭୁବନ ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନ ବିଭାଗର ପ୍ରଫେସର ରଞ୍ଜନ କୁମାର ଦହଲଙ୍କ ଅନୁସାରେ, ବନ୍ୟାର ଭିଡିଓରେ ଦେଖାଯାଉଥିବା ପାଣିର ପରିମାଣ ସାଧାରଣ ବନ୍ୟାଠାରୁ ଯଥେଷ୍ଟ ଅଧିକ। କେବଳ ନଦୀ ରାସ୍ତାରେ ଏକ ବାଧା ସୃଷ୍ଟି ହେଲେ ଏତେ ବଡ଼ ବନ୍ୟା ଆସିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ବିଶେଷଜ୍ଞଙ୍କ ସନ୍ଦେହ ଅନୁସାରେ, ଲେଣ୍ଡେ ନଦୀର ଉପରମୁଣ୍ଡରେ ଥିବା ତିନୋଟି ହ୍ରଦ ମଧ୍ୟରୁ କୌଣସି ଗୋଟିଏ ହ୍ରଦ ଭାଙ୍ଗିଯାଇଥାଇପାରେ। ହ୍ରଦ ନିକଟରେ ଭୂସ୍ଖଳନ କିମ୍ବା ହିମସ୍ଖଳନ ହୋଇଥିବାରୁ ହ୍ରଦ ଉପରେ ଚାପ ବଢ଼ିଥାଇପାରେ। ଏହାପରେ ବହୁ ପରିମାଣର ପାଣି ହଠାତ୍ ତଳକୁ ପ୍ରବାହିତ ହୋଇଥିବା ସମ୍ଭାବନା ରହିଛି। ତେବେ ପ୍ରକୃତରେ କେଉଁ ହ୍ରଦ ଭାଙ୍ଗିଛି ଏବଂ ଘଟଣାଟି କିପରି ଘଟିଛି, ତାହା ଏବେ ବି ସ୍ପଷ୍ଟ ହୋଇନାହିଁ।

ଏହି ବିପର୍ଯ୍ୟୟର ଆଉ ଏକ ବଡ଼ ଦିଗ ହେଉଛି ସମୟୋପଯୋଗୀ ସୂଚନାର ଅଭାବ। ନେପାଳୀ ବିଶେଷଜ୍ଞଙ୍କ ପାଖରେ ଏହି ଅଞ୍ଚଳର ନୂଆ ସାଟେଲାଇଟ୍ ଚିତ୍ର ଓ ପର୍ଯ୍ୟାପ୍ତ ତାଜା ତଥ୍ୟ ନଥିବା ଜଣାପଡ଼ିଛି। ଏନେଇ ନେପାଳୀ ବିଶେଷଜ୍ଞମାନେ ଚୀନ୍ର ବୈଜ୍ଞାନିକ ଦଳ ସହ ଅନେକ ଅନଲାଇନ୍ ବୈଠକ କରିଛନ୍ତି। ସମ୍ଭାବ୍ୟ ବିପଦ ସ୍ଥଳ ସମ୍ପର୍କରେ ମଧ୍ୟ ତଥ୍ୟ ଆଦାନପ୍ରଦାନ ହୋଇଛି।

## ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନେପାଳକୁ ସମସ୍ତ ସମ୍ଭାବ୍ୟ ସହାୟତାର ଆଶ୍ୱାସନା ଦେଲା ଭାରତ

ନୂଆଦିଲ୍ଲୀ, ୨୬/୮ :ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନେପାଳରେ ଆକସ୍ମିକ ବନ୍ୟା ଯୋଗୁଁ ଘଟିଥିବା ବ୍ୟାପକ ବିନାଶକୁ ନେଇ ନେପାଳର ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ଏବଂ ନେପାଳବାସୀଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏହି କଠିନ ସମୟରେ ଭାରତ ନେପାଳ ସହିତ ଦୃଢ଼ ଭାବରେ ରହିଥିବା କହିବା ସହିତ ବିପର୍ଯ୍ୟୟରେ ପ୍ରଭାବିତ ଲୋକଙ୍କ ପାଇଁ ନେପାଳ ସରକାରଙ୍କ ଉଦ୍ଧାର ଓ ରିଲିଫ୍? କାର୍ଯ୍ୟକୁ ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ଯୋଗାଇବାକୁ ଭାରତ ପ୍ରସ୍ତୁତ ଥିବା ରାଷ୍ଟ୍ରପତି ମୁର୍ମୁ କହିଛନ୍ତି। ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ମଧ୍ୟ ନେପାଳରେ ଆକସ୍ମିକ ବନ୍ୟା ଯୋଗୁଁ ଘଟିଥିବା ଜୀବନହାନି ଓ ବ୍ୟାପକ ବିନାଶକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ଶୋକସନ୍ତପ୍ତ ସମବେଦନା ଜଣାଇବା ସହ ଆହତମାନଙ୍କ ଶୀଘ୍ର ସୁସ୍ଥତା କାମନା କରିଛନ୍ତି। ଏହାସହ ନିଖୋଜ ଥିବା ସମସ୍ତଙ୍କୁ ସୁରକ୍ଷିତ ଓ ଶୀଘ୍ର ଉଦ୍ଧାର କରାଯାଉ ବୋଲି ସେ ପ୍ରାର୍ଥନା କରିଛନ୍ତି। ଏହି ଦୁଃଖଦ ସମୟରେ ଭାରତର ଲୋକଙ୍କ ଚିନ୍ତା ଓ ସମବେଦନା ନେପାଳବାସୀଙ୍କ ସହିତ ରହିଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି। ଏପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ସହ ଫୋନ୍?ରେ କଥା ହୋଇ ନେପାଳରେ ବନ୍ୟା ଯୋଗୁଁ ଘଟିଥିବା ଜୀବନହାନି ପାଇଁ ଗଭୀର ସମବେଦନା ଜଣାଇଛନ୍ତି। ନେପାଳର ଏହି ଦୁର୍ଦ୍ଦିନରେ ଭାରତର ଲୋକମାନେ ନେପାଳର ଭାଇ ଓ ଭଉଣୀମାନଙ୍କ ସହିତ ଦୃଢ଼ ଭାବରେ ଠିଆ ହୋଇଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି। ନେପାଳକୁ ସମସ୍ତ ସମ୍ଭାବ୍ୟ ମାନବିକ ସହାୟତା ଯୋଗାଇବା ପାଇଁ ଭାରତ ପ୍ରସ୍ତୁତ ଥିବା ସେ ସ୍ପଷ୍ଟ କରିଛନ୍ତି।

## ଏମଏମଡିଆର ସଂଶୋଧନ ବିଲ ରାଜ୍ୟର ସ୍ୱାର୍ଥ ବିରୋଧି: ବିଜେଡି



ଭୁବନେଶ୍ୱର, ୨୬/୮:ଏମଏମଡିଆର ସଂଶୋଧନ ଆକ୍ଟକୁ ନେଇ ବିଜେପି ଉପରେ ବର୍ଷିଛି ବିଜୁ ଜନତା ଦଳ। ଏମଏମଡିଆର ସଂଶୋଧନ ବିଲ ପାରିତ ହେବା ଦିନଟି ଓଡିଶା ପାଇଁ କଳା ଦିବସ ଥିଲା କାରଣ ଏହି ବିଲ୍ ମାଧ୍ୟମରେ ଓଡିଶା ଠାରୁ ଅର୍ଥନୈତିକ ସ୍ୱାଧୀନତା ଛଡାଇ ନିଆଯାଇଛି ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଏମଏମଡିଆର ବିଲ୍ ଓଡ଼ିଶାର ସ୍ୱାର୍ଥ ବିରୋଧୀ।

ଗୌତମବୁଦ୍ଧ ଦାସ କହିଥିଲେ, ଏମଏମଡିଆର ସଂଶୋଧନ ବିଲ୍ ମାଧ୍ୟମରେ ରାଜ୍ୟର ନ୍ୟାର୍ଯ୍ୟ ପ୍ରାପ୍ୟ ଯେତେବେଳେ ଛଡାଇ ନିଆଯାଉଥିଲା, ସେତେବେଳେ ବିଜେପିର ୨୦ ଜଣ ଲୋକସଭା ସଦସ୍ୟ ଓ ୫ ଜଣ ରାଜ୍ୟସଭା ସଦସ୍ୟ ଏହାକୁ ହାତ ଟେକି ସମର୍ଥନ କରିଥିଲେ। ଇତିହାସ ଏମାନଙ୍କୁ କେବେ କ୍ଷମା ଦେବ ନାହିଁ। ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରି ବିଜେପିର ସାଂସଦ ମାନେ ନିଜ ପାର୍ଟିର ସ୍ୱାର୍ଥ ପାଇଁ କାର୍ଯ୍ୟକଲେ। ଏହି ସାଂସଦ ମାନଙ୍କ ପାଇଁ ମାଟି ବଡ଼ ନୁହେଁ ବରଂ ପାର୍ଟି ବଡ଼। ଓଡ଼ିଶାର ସ୍ୱାର୍ଥକୁ ବଳି ପକାଇ ଦେବା ପାଇଁ ବିଜେପି ଶୀର୍ଷ ନେତୃତ୍ୱଙ୍କ ଦ୍ୱାରା ଏମଏମଡିଆର ମାଧ୍ୟମରେ ଏକ ଷଡଯନ୍ତ୍ର ରଚାଯାଇଥିଲା। ପୁଞ୍ଜିପତି ମାନଙ୍କୁ ଫାଇଦା ଦେବା ପାଇଁ ଏହି ଷଡ଼ଯନ୍ତ୍ର ରଚାଯାଇଛି। ଏହି ଆକ୍ଟ ପାରିତ ହେବା ଯୋଗୁ ଓଡିଶା ଏକ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବକେୟା ଆଦାୟ କରିବାରୁ ବଞ୍ଚିତ ହୋଇଛି। ଏହାଛଡା, ଖଣିରେ ଲାଗୁ ହେବାକୁ ଥିବା ଟିକସ ମାଧ୍ୟମରେ ପ୍ରତି ବର୍ଷ ୧୨, ୦୦୦ କୋଟି ଟଙ୍କାର ରାଜସ୍ୱ ଓଡିଶା ହରାଇବ। ଦୁର୍ଭାଗ୍ୟର କଥା, ନିକଟରେ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ବିଦା ହୋଇଥିବା ଜଣେ ବିଜେପି ସାଂସଦ ଏହି ସଂଶୋଧନ ବିଲ ସପକ୍ଷରେ ଯୁକ୍ତି ବାଢୁଛନ୍ତି। ବିଜେଡି ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ଓଡ଼ିଶାର ସ୍ୱାର୍ଥକୁ ହାସଲ ପାଇଁ ସେ ଲଢେଇର ଆହ୍ୱାନ ଦେଇଛନ୍ତି। ତେଣୁ ବିଜୁ ଜନତା ଦଳ ଓଡ଼ିଶାର ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିବ।

ଡ. ଲେନିନ ମହାନ୍ତି କହିଥିଲେ, ଖଣି ରାଜସ୍ୱ ଓଡ଼ିଶାର ବିକାଶର କର୍ଣ୍ଣଧାର ହୋଇଥିବା ବେଳେ, ଖଣିରୁ ରାଜ୍ୟକୁ ମିଳିବାକୁ ଥିବା ବିପୁଳ ରାଜସ୍ୱ, ଏମଏମଡିଆର ସଂଶୋଧନ ବିଲ ମାଧ୍ୟମରେ ହାନୀ ହେବାକୁ ଯାଉଛି, ଅଥଚ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁହଁରେ ତୁଣ୍ଡି ଦେଇ ବସିଛନ୍ତି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖୁ ନାହାନ୍ତି କାହିଁକି। କେନ୍ଦ୍ର ସରକାର ଚତୁରତା କରି ଖଣି ଓ ଖଣି ରହିଥିବା ଜମି ଉପରେ ମଧ୍ୟ ରାଜ୍ୟର କୌଣସି ଅଧିକାର ରହିବ ନାହିଁ ବୋଲି ବ୍ୟବସ୍ଥା କରିଛନ୍ତି। ଏହାଛଡା ଏହି ଆଇନ ମାଧ୍ୟମରେ ରାଜ୍ୟ ସରକାର ଖଣିଜ ପଦାର୍ଥ ଉପରେ କୌଣସି ଟିକସ ଲଗାଇ ପାରିବ ନାହିଁ। ଏହି କଳା ଆଇନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଚୁପ କାହିଁକି। ବିଜେପିର କିଛି ନେତା ଦାବି କରୁଛନ୍ତି, ୨୦୧୫ ମସିହାରେ କେନ୍ଦ୍ର ସରକାର ଏମଏମଡିଆର ଆକ୍ଟରେ ସଂଶୋଧନ ଆଣିବା ପରେ ଓଡ଼ିଶାର ଖଣି ରାଜସ୍ୱ ୫୦୦୦ କୋଟିରୁ ୫୦, ୦୦୦ କୋଟିକୁ ବୃଦ୍ଧି ପାଇଲା।

## ମୁଖ୍ୟମନ୍ତ୍ରୀଙ୍କ ଗୋପାଳପୁର ଗସ୍ତ ପାଇଁ ବ୍ୟାପକ ପ୍ରସ୍ତୁତି



ଛତ୍ରପୁର, ୨୬/୮: ଆସନ୍ତାକାଲି (ସେପ୍ଟେମ୍ବର ୨୭)ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗଞ୍ଜାମ ଜିଲ୍ଲା ଗୋପାଳପୁର ଗସ୍ତକୁ ସଫଳ, ସୁରକ୍ଷିତ ଓ ସୁବ୍ୟବସ୍ଥିତ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଧବଳେଶ୍ୱର ମନ୍ଦିର ପରିସର ଏବଂ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜ୍ ପରିସରରେ ଗସ୍ତ ସମ୍ପର୍କିତ ବିଭିନ୍ନ ପ୍ରସ୍ତୁତି ଓ ବ୍ୟବସ୍ଥାର ସ୍ଥଳ ପରିଦର୍ଶନ କରାଯାଇ ସମୀକ୍ଷା କରାଯାଇଛି।ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଏସ୍‌ପି ଡା. ସରବଣା ବିବେକ ଏମ୍., ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ରହି ସ୍ଥଳ ପରିଦର୍ଶନ କରିଥିଲେ।ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ହେଲିପ୍ୟାଡ୍ ପ୍ରସ୍ତୁତି, ନିରାପତ୍ତା ବ୍ୟବସ୍ଥା, ଯାତାୟାତ ପରିଚାଳନା, ପାର୍କିଂ, ଅଗ୍ନିଶମ ସେବା, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଅନୁଧ୍ୟାନ କରାଯାଇଥିଲା। ସମସ୍ତ ବ୍ୟବସ୍ଥା ଯେପରି କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ସମ୍ପୂର୍ଣ୍ଣ ହୁଏ ଏବଂ ଗସ୍ତ ସମୟରେ କୌଣସି ପ୍ରକାରର ଅସୁବିଧା ନ ଉପୁଜେ, ସେଥିପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା।ଗସ୍ତ ସମ୍ପର୍କିତ ସମସ୍ତ ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ତ୍ରୁଟିମୁକ୍ତ ଭାବେ ସମ୍ପାଦନ ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତି ଜାରି ରହିଛି।

## ତିନି ପ୍ରମୁଖ ସଂସ୍ଥା ସହ ବାଲ୍ମିର ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର, ୨୬/୮: ଓଡ଼ିଶାରେ ଜଳ ସମ୍ପଦ ପରିଚାଳନାକୁ ଅଧିକ ବୈଜ୍ଞାନିକ, ପ୍ରଯୁକ୍ତିଭିତ୍ତିକ ଓ ଦକ୍ଷ କରିବା ସହ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ (ବାଲ୍ମି)କୁ ଏକ ଆଧୁନିକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏହି ଉଦ୍ଦେଶ୍ୟରେ ବାଲ୍ମି ପକ୍ଷରୁ ଜାତୀୟ ଜଳ ଏକାଡେମୀ (ଏନଡବ୍ଲ୍ୟୁଏ), ପୁଣେ, ଆଇସିଏଆର୍-ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇସିଏଆର୍-ଆଇଆଇଡବ୍ଲ୍ୟୁଏମ୍), ଭୁବନେଶ୍ୱର ଏବଂ ଓଡ଼ିଶା କନଷ୍ଟ୍ରକ୍ସନ୍ କର୍ପୋରେସନ୍ ଲିମିଟେଡ୍ (ଓସିସିଏଲ୍)ଙ୍କ ସହ ୩ଟି ବୁଝାମଣାପତ୍ର (ଗକ୍ଟଟ) ସ୍ୱାକ୍ଷରିତ ହୋଇଛି। ବିଭାଗର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଅଧ୍ୟକ୍ଷତା କରିଥିଲେ।

### NWA, ସହ MoU:

ଜାତୀୟ ଜଳ ଏକାଡେମୀ ପକ୍ଷରୁ ମୁଖ୍ୟ ଯନ୍ତ୍ରୀ ଓ୍ୱସୀମ ଅଶରଫ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଜଳ ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାର ଅଧୀନସ୍ଥ କେନ୍ଦ୍ରୀୟ ଜଳ ଆୟୋଗର ନ୍ୟାସନାଲ ଓ୍ୱାଟର ଏକାଡେମୀ (ଏନ୍‌ଡବ୍ଲ୍ୟୁଏ), ପୁଣେ ସହ ଏହି ସହଯୋଗ ମାଧ୍ୟମରେ ଯୁଗ୍ମ ଓ ଆବଶ୍ୟକତାଭିତ୍ତିକ ପ୍ରଶିକ୍ଷଣ, ଜ୍ଞାନ ଆଦାନ-ପ୍ରଦାନ ଏବଂ ଜଳ ସମ୍ପଦ ପରିଚାଳନାରେ ସମକାଳୀନ ପଦ୍ଧତି ସମ୍ପର୍କରେ ଅଭିଜ୍ଞତା ହାସଲ ଉପରେ ଗୁରୁତ୍ୱ ଦିଆଯିବ। ଏହା ମାଧ୍ୟମରେ ବାଲ୍ମି ଏନ୍‌ଡବ୍ଲ୍ୟୁଏର ଜାତୀୟସ୍ତରୀୟ ବିଶେଷଜ୍ଞତା, ବିଶେଷ ପ୍ରଶିକ୍ଷଣ ସମ୍ବଳ ଓ ଶ୍ରେଷ୍ଠ ଅଭ୍ୟାସ ସମ୍ପର୍କିତ ଅଭିଜ୍ଞତାର ଲାଭ ଉଠାଇପାରିବ।

### ICAR-IIWM, ସହ MoU:

ଆଇସିଏଆର୍-ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ନିର୍ଦ୍ଦେଶକ ଭାବେ ଡ. ଏ. ସାରଙ୍ଗୀ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏହି ସହଯୋଗ ମାଧ୍ୟମରେ ଗବେଷଣା, ପ୍ରଯୁକ୍ତି ଓ କ୍ଷେତ୍ରସ୍ତରୀୟ ପ୍ରୟୋଗ ମଧ୍ୟରେ ସମନ୍ୱୟ ଅଧିକ ସୁଦୃଢ଼ ହେବ। କୃଷି ଜଳ ପରିଚାଳନା, ଜଳ ବ୍ୟବହାର ଦକ୍ଷତା ଓ ଜଳବାୟୁ-ସହନଶୀଳ ସେଚନ ବ୍ୟବସ୍ଥା ସମ୍ପର୍କିତ ଆଇସିଏଆର୍-ଆଇଆଇଡବ୍ଲ୍ୟୁଏମ୍‌ର ବିଶେଷଜ୍ଞତା ଓ ନବୀନ ପ୍ରଯୁକ୍ତିରୁ ବାଲ୍ମି ଲାଭାନ୍ୱିତ ହେବ। ଏଥିରେ ଆଇଓଟି ଓ ସେନ୍ସର୍ ଆଧାରିତ ଜଳ ପରିଚାଳନା, ସଠିକ୍ ସେଚନ ବ୍ୟବସ୍ଥା ଏବଂ ଡିଜିଟାଲ୍ ପ୍ରଯୁକ୍ତିର ପ୍ରୟୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

### OCCL ସହ MoU:

ଏହି ସହଯୋଗ ମାଧ୍ୟମରେ ବାଲ୍ମିକୁ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ କରିବା ପାଇଁ ଏହାର ଭୌତିକ ଭିତ୍ତିଭୂମିର ଉନ୍ନତି ଓ ସୁଦୃଢ଼ୀକରଣ କରାଯିବ। ଏଥିରେ ପ୍ରଶିକ୍ଷଣ ଓ ଏକାଡେମିକ୍ ସୁବିଧା, ହଷ୍ଟେଲ୍, ଅଡିଟୋରିୟମ୍, ସମ୍ମିଳନୀ କକ୍ଷ ଓ ପାଠାଗାରର ଆଧୁନିକୀକରଣ, ଅଡିଓ-ଭିଜୁଆଲ୍ ସୁବିଧା ସମ୍ପନ୍ନ ଶ୍ରେଣୀଗୃହ, ସମଗ୍ର କ୍ୟାମ୍ପସ୍‌ରେ ଓ୍ୱାଇ-ଫାଇ ସଂଯୋଗ ଏବଂ ନୂତନ ୧୦୦-ସିଟ୍ ବିଶିଷ୍ଟ ହଷ୍ଟେଲ୍ ନିର୍ମାଣ ଅନ୍ତର୍ଭୁକ୍ତ।

ଏହି ଅବସରରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଇଂ. ଦିଲ୍ଲୀପ କୁମାର ରାଉତ, ସର୍ବୋଚ୍ଚ ଯନ୍ତ୍ରୀ, ଜଳ ସମ୍ପଦ; ଇଂ. ବିଘ୍ନରାଜ ପୁରୋହିତ, ସର୍ବୋଚ୍ଚ ଯନ୍ତ୍ରୀ, ଏସ୍ ଆଣ୍ଡ୍ ଏମ୍; ଇଂ. ନିରଞ୍ଜନ ରାଉତ, ସର୍ବୋଚ୍ଚ ଯନ୍ତ୍ରୀ, ପ୍ରୋକ୍ୟୁରମେଣ୍ଟ ଇଂ. ପୂର୍ଣ୍ଣଚନ୍ଦ୍ର ରଥ, ସର୍ବୋଚ୍ଚ ଯନ୍ତ୍ରୀ, ଆଇଭି; ଇଂ. ଅବିନାଶ ରାଉଳ, ସର୍ବୋଚ୍ଚ ଯନ୍ତ୍ରୀ, ଇଷ୍ଟର ଷ୍ଟେଟ୍‌ସ; ଇଂ. ବୈଜିନାଥ ହେମ୍ବ୍ରମ, ନିର୍ଦ୍ଦେଶକ, ବାଲ୍ମି; ଏବଂ ଶ୍ରୀ ସୁବ୍ରତ ନାୟକ, ଅତିରିକ୍ତ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

ସହଯୋଗୀ ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଶ୍ରୀ ଓ୍ୱସୀମ ଅଶରଫ, ଚିଫ୍ ଇଞ୍ଜିନିୟର ଓ ମୁଖ୍ୟ, ଏନ୍‌ଡବ୍ଲ୍ୟୁଏ, ପୁଣେ; ଶ୍ରୀ ଚୈତନ୍ୟ କେ. ଏସ୍, ନିର୍ଦ୍ଦେଶକ, ଏନ୍‌ଡବ୍ଲ୍ୟୁଏ; ଡ. ଅର୍ଜମଦତ୍ତ ସାରଙ୍ଗୀ, ନିର୍ଦ୍ଦେଶକ, ଆଇସିଏଆର୍-ଆଇଆଇଡବ୍ଲ୍ୟୁଏମ୍; ଡ. କାଳିକିଙ୍କର ବନ୍ଦୋପାଧ୍ୟାୟ, ପ୍ରିନ୍ସିପାଲ୍ ସାଇଣ୍ଟିଷ୍ଟ, ଆଇସିଏଆର୍-ଆଇଆଇଡବ୍ଲ୍ୟୁଏମ୍; ଏବଂ ଇଂ. ଶରତ ଚନ୍ଦ୍ର ଘଡ଼ଇ, ଜେନେରାଲ୍ ମ୍ୟାନେଜର୍, ଓସିସିଏଲ୍ ଉପସ୍ଥିତ ଥିଲେ।

ସମ୍ପାଦକୀୟ

# ଦେଶରେ ନଗଦ ହସ୍ତାନ୍ତର

ଗତ କିଛି ବର୍ଷ ଧରି ଦେଶର ୧୫ଟି ରାଜ୍ୟ ସରକାର ମହିଳାଙ୍କ ପାଇଁ ନଗଦ ହସ୍ତାନ୍ତର ଯୋଜନା କାର୍ଯ୍ୟକାରୀ କରିଆସୁଛନ୍ତି। ଏହି ଯୋଜନା ମଧ୍ୟପ୍ରଦେଶରେ 'ଲାଡଲୀ ବହେନ', ଝାଡଖଣ୍ଡରେ 'ମୈୟା ସମ୍ମାନ', ତାମିଲନାଡୁରେ 'ମାଗାଲିର ଉରିମାଇ ଥୋଗାଇ', ପଶ୍ଚିମବଙ୍ଗରେ 'ଲକ୍ଷ୍ମୀ ଭଣ୍ଡାର', ଆସାମରେ 'ଓରୁନାଦେଇ' କର୍ଣ୍ଣାଟକରେ 'ଗୃହଲକ୍ଷ୍ମୀ', ଦିଲ୍ଲୀରେ 'ମୁଖ୍ୟମନ୍ତ୍ରୀ ମହିଳା ସମ୍ମାନ', ଛତିଶଗଡରେ 'ମାହତାରୀ ବନ୍ଦନା', ଗୋଆରେ 'ଗ୍ରୀହ ଆଧାର', ତେଲେଙ୍ଗାନାରେ 'ମହାଲକ୍ଷ୍ମୀ, ମହାରାଷ୍ଟ୍ରରେ 'ମୁଖ୍ୟମନ୍ତ୍ରୀ ମାଝୀ ଲାଡଲୀ ବହେନ' ଓଡିଶାରେ 'ସଭୁଦ୍ରା', ବିହାରରେ ମୁଖ୍ୟମନ୍ତ୍ରୀ ରୋଜଗାର ଯୋଜନା ନାମରେ ପରିଚିତ। ଏହା ଯୋଜନାରେ ମହିଳାଙ୍କୁ ମାସିକ ୧୦୦୦ରୁ ୩୦୦୦ଟଙ୍କା ପର୍ଯ୍ୟନ୍ତ ନଗଦ ଅର୍ଥ ପ୍ରଦାନ କରାଯାଉଛି। ଏହି ଯୋଜନା ଜରିଆରେ ପାଣ୍ଠିର ଚାଲାଣ ପରିମାଣ ମଧ୍ୟ ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି। ପିଆରଏସ ଲେଜିସ୍‌ଲେଟିଭ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ୨୦୨୫-୨୬ ଆର୍ଥୀକ ବର୍ଷରେ ୧୨ଟି ରାଜ୍ୟରେ ଏହି ନିସର୍ତ୍ତ ନଗଦ ହସ୍ତାନ୍ତର ଯୋଜନାର ୧.୬୮ ଲକ୍ଷ କୋଟି ବ୍ୟୟ ଅଟକଳ କରାଯାଇଛି। ଏହା ନିଶ୍ଚିତ ଯେ, ମହିଳା ସଶକ୍ତିକରଣ, ସାମାଜିକ କଲ୍ୟାଣ ଏବଂ ରାଜନୈତିକ ଦଳଗୁଡିକ ପାଇଁ ଏହି ସର୍ତବିହୀନ ନଗଦ ହସ୍ତାନ୍ତର ଯୋନଜା ଏକ ସାଧନ ରୂପେ ଉଭା ହୋଇଛି। ରାଜନୈତିକ ଦଳଗୁଡିକୁ ପାଇଁ ନିର୍ବାଚନରେ ବିଜୟର ମାଧମ ପାଲଟିଛି, କେବଳ ଏତିକି ନୁହେଁ. ନିଜ ଦଳ ସପକ୍ଷରେ ମହିଳାଙ୍କୁ ଅକାର୍ଷିତ କରି ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ ସୃଷ୍ଟି କରିବାରେ ସହାୟକ ହୋଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ। ଇଏସି-ପିଏମ ୱାର୍କିଂ ପେପର ସିରିଜ୍ ପକ୍ଷରୁ ଏକ ସର୍ଭେ ରିପୋର୍ଟରେ ଦେଶରେ ଏହି ନିସର୍ତ ମହିଳା ଯୋଜନାକୁ ଭୂୟସୀ ପ୍ରଶଂସା କରାଯାଇଛି। ଏହି ଯୋଜନାଗୁଡିକ ସମର୍ଥନରେ ବହୁ ପ୍ରମାଣ ମଧ୍ୟ ଉପସ୍ଥାପିତ କରିଛି। ଓଡିଶା ଓ ମହାରାଷ୍ଟ୍ରରେ କାର୍ଯ୍ୟକାରୀ ହେଉଥିବା ମହିଳା ଯୋଜନା ବେଶ ସଫଳତା ହାସଲ କରିଥିବାବେଳେ ହିତାଧିକାରୀଙ୍କ ପାଇଁ ସଂଚୟ ଓ ବ୍ୟୟରେ ଉନ୍ନତି, ଘର ପରିଚାଳନାରେ ଉନ୍ନତି ଆଣିବାରେ ସହାୟକ ହୋଇଛି। ଆହୁରି ମଧ୍ୟ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନ ଶୈଳୀରେ ବ୍ୟୟ ବୃଦ୍ଧି କରିପାରିଛି। ଏହା ଏକ ସ୍ୱାଗତଯୋଗ୍ୟ ଢାଂଚା। ଏଭଳି ଯୋଜନାକୁ ବନ୍ଦ ନକରି ଅଟକଲ ବୃଦ୍ଧି ସହ ଆହୁରି ବ୍ୟାପକ କରିବା ନେଇ ସର୍ଭେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ରାଜନୈତିକ ଦଳଗୁଡିକ ନିର୍ବାଚନ ବୈତରଣୀ ପାର ହେବା ଲାଗି ଏଭଳି ମାଗଣା ତଥା ଲୋକପ୍ରିୟ ଯୋଜନା ଅଧିକରୁ ଅଧିକ କାର୍ଯ୍ୟକାରୀ କରିବା ଯୋଗୁଁ ଅନ୍ୟ କ୍ଷେତ୍ରଗୁଡିକ ବିଶେଷ ଭାବେ ପ୍ରଭାବିତ ହେବା ସାର ହେଉଛି। ମାଗଣା ବିଦ୍ୟୁତ, ମାଗଣା ଚାଉଳ ବଂଟନ, କନ୍ୟା ପାଇଁ ସୁନା ରିଙ୍ଗ, ଆଦି ବହୁ ଯୋଜନା କେତେକ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଛନ୍ତି। ଏଭଳି ମାଗଣା ଯୋଜନା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏବଂ ବହୁ ଅର୍ଥନୈତିକ ବିଶାରଦ, ଏପରିକି ସୁପ୍ରିମକୋର୍ଟ ମଧ୍ୟ ଚିନ୍ତା ବ୍ୟାକ୍ତ କରିଛନ୍ତି। ଏଭଳି ମାଗଣା ଯୋଜନା ଦେଶରେ ଆର୍ଥୀକ ଦୁସ୍ଥିତିର କାରଣ ହୋଇପାରେ ବୋଲି ସେମାନେ ଚେତାବନୀ ଦେଇସାରିଲେଣି। ଆରବିଆଇ କହିଛି ଯେ ସରକାରୀ ଖର୍ଚ୍ଚ ଏବଂ ଋଣ ବୃଦ୍ଧି ଯୋଗୁଁ ଅନ୍ୟ କ୍ଷେତ୍ରରେ ନିବେଶ ପ୍ରଭାବିତ କରିବ। ରାଜ୍ୟ ରାଜକୋଷ ଉପରେ ଆର୍ଥିକ ବୋଝ ବୃଦ୍ଧି ପାଇବା ଅନ୍ୟ ଉନ୍ନୟନ ଯୋଜନା ଗୁଡିକରେ କାର୍ଯ୍ୟକାରୀ ପାଇଁ ସରକାର କେବଳ ଅଧିକରରୁ ଅଧିକ ଋଣ କରିବେ ନାହିଁ ଅନ୍ୟ କ୍ଷେତ୍ରରେ ଆବଟିଂତ ଅର୍ଥରୁ ଆଣି ବିନିଯୋଗ କରିବାକୁ ବାଧ ହେବେ ବୋଲି ବହୁ ଅର୍ଥନୈତିକ ବିଶାରଦ କଡା ଚେତାବନୀ ଦେଇଛନ୍ତି। କହିବା ବାହୁଲ୍ୟ ଯେ, ଏହି ମାଗଣା ଯୋଜନା ଯୋଗୁଁ ଦେଶରେ ଗ୍ରାମାଚଂଳରେ ଗରିବ ଲୋକଙ୍କ ପାଇଁ ଜୀବନରେଖା ପାଲଟିଥିବା ମନେରଗା'ର ବ୍ୟୟ ଅଟକଳ ହ୍ରାସ ପାଇବାରେ ଲାଗିଥିଲା। ମାଗଣା ଯୋଜନାରେ ଲକ୍ଷ ଲକ୍ଷ କୋଟି ଟଙ୍କା ବ୍ୟୟ ହେଉଥିବା ବେଳେ ଏହି ଯୋଜନାରେ ୨୦୨୫-୨୬ ଆର୍ଥୀକ ବର୍ଷରେ ମାତ୍ର ୮୬,୦୦୦ କୋଟି ଟଙ୍କା କେନ୍ଦ୍ର ସରକାର ବ୍ୟୟ ଅଟକଳ କରିଥିଲେ। ଆକ୍ସିସ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ମାଗଣା ଯୋଜନା କେବଳ ବ୍ୟୟ ବୃଦ୍ଧି କରିନାହିଁ, ନିଅଂଟିଆ ବୃଦ୍ଧି କରିଛି। ବଜେଟ ଆକଳନ ଅନୁଯାୟୀ ରାଜ୍ୟଗୁଡିକରେ ସମନ୍ୱିତ ଋଣ ୨୦୨୧ ମାର୍ଚ୍ଚରେ ୩୧ ପ୍ରତିଶତ ଥିବା ବେଳେ ୨୦୨୬ରେ ୨୯.୨ ପ୍ରତିଶତକୁ ଖସି ଆସିଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ପଞ୍ଜାବରେ ଋଣବୋଝ ଜିଏସଡିପିର ୪୬.୪ ପ୍ରତିଶତ ହୋଇଥିବାବେଳେ ପଶ୍ଚିମବଙ୍ଗରେ ୩୮.୯ ପ୍ରତିଶତ ଓ ବିହାରରେ ୩୬.୮ ପ୍ରତିଶତ ରହିଛି। ରାଜ୍ୟ ଅର୍ଥନୀତି ପାଇଁ ଏହି ମାଗଣା ଯୋଜନା ଗୁରୁତର ବିପଦ ଆଶଙ୍କା ସୃଷ୍ଟି କରିଛି। ଏଥିପ୍ରତି ଧ୍ୟାନ ଦିଆଯିବା ଜରୁରୀ।

# ଆଲିଆ ମୀର: ଜାମ୍ମୁ ଓ କାଶ୍ମୀରର ପ୍ରଥମ ମହିଳା ବନ୍ୟଜନ୍ତୁ ଉଦ୍ଧାରକାରୀ

**ଆଫ୍ରୋଜ ଖାନ୍**

ଛୋଟବେଳୁ ପଶୁ ପକ୍ଷୀଙ୍କ ପ୍ରତି ଥିବା ଭଲପାଇବା ଏବଂ କିଛି ପାରିପାର୍ଶ୍ୱିକ ଘଟଣା ପାଇଁ ଆଲିଆ ମୀର ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିବା ଦିଗରେ କାର୍ଯ୍ୟ କରିବା ପାଇଁ ମନସ୍ଥ କରିଥିଲେ। ପରବର୍ତି ସମୟରେ ଲିଙ୍ଗଭିତ୍ତିକ ପକ୍ଷପାତ ଓ ସାମାଜିକ ପ୍ରତିବନ୍ଧକତାକୁ ଅତିକ୍ରମ କରି ସେ ଶହ ଶହ ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିଛନ୍ତି, ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ବାର୍ତ୍ତା ପ୍ରଚାର କରି ସ୍ଥାନୀୟ ଲୋକଙ୍କୁ ସଚେତନ କରିଛନ୍ତି, ଯାହା ତାଙ୍କୁ ନିଜ ଲକ୍ଷ୍ୟ ଦିଗରେ ସଫଳତା ପାଇବା ସହିତ ଜାମ୍ମୁ ଓ କାଶ୍ମୀରର ପ୍ରଥମ ମହିଳା ବନ୍ୟଜନ୍ତୁ ଉଦ୍ଧାରକାରୀ ଭାବରେ ପରିଚୟ ଦେଇଛି।

ଆଲିଆ ମୀର କୁହନ୍ତି, 'ଆମ ସମାଜ ଏବେ ବି ପୁରୁଷପ୍ରଧାନ, ଯାହା ମହିଳା ମାନଙ୍କୁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ, ବିଶେଷକରି ଏପରି ଏକ ପେଶାରେ, ଯାହାକୁ ଅଧିକାଂଶ ଲୋକ ମହିଳାଙ୍କ ପାଇଁ ଉପଯୁକ୍ତ ବୋଲି ଭାବନ୍ତି ନାହିଁ। ଜଣେ ଉଦ୍ଧାରକାରୀ ଭାବେ କାମ କରୁଥିବା ସମୟରେ ମୋତେ ପ୍ରାୟତଃ ଅଣଦେଖା ଏବଂ ଅପମାନିତ କାରାଯାଇଛି। ମୋର ଏହି ପ୍ରୟାସ ପାଇଁ ଲୋକମାନେ ମତେ ଗୁରୁତ୍ୱ ଦେଉନଥିଲେ ଏବଂ ମୋ ପଛରେ ଅନେକ କଟାକ୍ଷ କରି କହୁଥିଲେ।

'୨୦୦୬ ମସିହା ନଭେମ୍ବର ୧୭ ତାରିଖରେ ଏକ କଳା ଏସିଆଟିକ୍ ଭାଲୁ ଜଙ୍ଗଲରୁ ବାହାରି କାଶ୍ମୀରର ପୁଲୱାମା ଜିଲ୍ଲାର ମାଣ୍ଡୋରା ଗାଁ ଭିତରକୁ ପଶି ଆସିଥିଲା। ଗ୍ରାମବାସୀମାନେ ଭାଲୁଟିକୁ ମାରିବା ପାଇଁ ଗୋଡ଼ାଇବାରୁ ନିଜ ଜୀବନ ବଞ୍ଚାଇବାକୁ ଭାଲୁଟି ଭୟଭୀତ ହୋଇ ଏକ ଗଛ ଉପରକୁ ଚଢ଼ିଗଲା। ତଥାପି କ୍ରୋଧିତ ଜନତା ତା ଉପରକୁ ପଥର, କୁରାଢ଼ି ଓ ବାଡ଼ିରେ ଆକ୍ରମଣ କରିଥିଲେ। ଆହତ ଭାଲୁଟି ଜୀବନ ବଞ୍ଚାଇବା ପାଇଁ ଗଛ ଉପରେ ହିଁ ରହିଥିଲା। ଶେଷରେ ଉତ୍ୟକ୍ତ ଲୋକମାନେ ବାଡ଼ି ଓ କାଠ ଦ୍ୱାରା ଅସହାୟ ଭାଲୁଟିକୁ ଜୀବନ୍ତ ଜାଳିଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଏହି ଘଟଣା ଭାଇରାଲ ହେବା ପରେ ବ୍ୟାପକ ଜନଅସନ୍ତୋଷ ସୃଷ୍ଟି ହୋଇଥିଲା ଏବଂ ଅନେକ ସଂଗଠନ ଏହି ନିର୍ମମ ହତ୍ୟାକୁ ତୀବ୍ର ନିନ୍ଦା କରିଥିଲେ।

ସେତେବେଳେ ଦିଲ୍ଲୀରେ ରହୁଥିବା କାଶ୍ମୀର ମହିଳା ଆଲିଆ ମୀର ଏହି ଭିଡ଼ିଓ ଦେଖି ଗଭୀର ଭାବରେ ମର୍ମାହତ ହୋଇଥିଲେ କାରଣ ସେ ଛୋଟବେଳୁ ପଶୁପକ୍ଷୀଙ୍କ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ ଏବଂ ଘଟଣାଟି ତାଙ୍କ ନିଜ ରାଜ୍ୟରେ ଘଟିବା ହିଁ ତାଙ୍କୁ ଅଧିକ କଷ୍ଟ ଦେଇଥିଲା। ତାଙ୍କ ବାପା ଆହତ ପଶୁ ପକ୍ଷୀମାନଙ୍କୁ ଖାଇବାକୁ ଦେବା ସହିତ ସେମାନଙ୍କ ଯତ୍ନ ନେଉଥିଲେ। ଆଲିଆ ଓ ତାଙ୍କ ଭାଇଭଉଣୀମାନେ ଏଥିରେ ସହଯୋଗ କରୁଥିଲେ, ଯେଉଁଥିପାଇଁ ପଶୁପକ୍ଷୀଙ୍କ ପ୍ରତି ତାଙ୍କର ଗଭୀର ସହାନୁଭୂତି ଓ ମମତା ଜାଗ୍ରତ ହୋଇଥିଲା।

ଆଲିଆ ମୀର ନିଜ ଜନ୍ମ ସ୍ଥାନ କାଶ୍ମୀରରେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରି ଉଚ୍ଚ ଶିକ୍ଷା ପାଇଁ ଦିଲ୍ଲୀ ଯାଇଥିଲେ ଏବଂ ସେଠାରେ ଗଣିତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଏକ ସ୍କୁଲରେ ଗଣିତ ଶିକ୍ଷୟତ୍ରୀ ଭାବେ କାମ ଆରମ୍ଭ କରିଥିଲେ ଏବଂ ନିଜ ପେଶାଗତ ଜୀବନରେ ସମ୍ପୂର୍ଣ୍ଣଭାବେ ବ୍ୟସ୍ତ ହୋଇଯାଇଥିଲେ। ୨୦୦୨ ରେ ତାଙ୍କ ବିବାହ ବନ୍ୟପ୍ରାଣୀ ପଶୁ ଚିକିତ୍ସକ ଡ. ଶଦିର ଅହମଦଙ୍କ ସହ ହୋଇଥିଲା। ବିବାହ ପରେ ପଶୁ ପକ୍ଷୀଙ୍କ ପ୍ରତି ତାଙ୍କ ଛୋଟବେଳର ଭଲପାଇବା ଧୀରେ ଧୀରେ ଗଭୀର ଆଗ୍ରହରେ ପରିଣତ ହୋଇଥିଲା ଏବଂ ସେ ଶିକ୍ଷୟତ୍ରୀ ଭାବରେ କାମ କରିବା ସହିତ ଓସକ୍ଷୟକ୍ଷସଲର ୫ଙଙ୫ ରେ ଭେଟେରିନାରୀ ମେଡିକାଲ କ୍ୟାମ୍ପରେ ସ୍ୱେଚ୍ଛାସେବୀ ଭାବେ କାମ ଆରମ୍ଭ କରି ତୃଣମୂଳ ସ୍ତରରେ ଅନେକ ବ୍ୟାବାହାରିକ ଅଭିଜ୍ଞତା ହାସଲ କରିଥିଲେ। ୨୦୦୬ରେ ଭାଲୁଟିର ନିର୍ମମ ହତ୍ୟା ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। ଏହି ଘଟଣାରେ ବିଚଳିତ ହୋଇ ସେ ନିଜ ରାଜ୍ୟ କାଶ୍ମୀରକୁ ଫେରି ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ଉଦ୍ଧାର ପାଇଁ କାମ କରିଥିଲେ। ତାଙ୍କ ସ୍ୱାମୀ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ ସମର୍ଥନ କରିଥିଲେ। ବନ୍ୟ ଜନ୍ତୁ ଉଦ୍ଧାରକୁ ନିଜ ଜୀବନର ଲକ୍ଷ୍ୟ କରିବା ପରେ ସେ ନିଜର ବୈଷୟିକ ଜ୍ଞାନକୁ ଆହୁରି ସୁଦୃଢ଼ କରିବା ପାଇଁ ଡିଜାଷ୍ଟର ମ୍ୟାନେଜମେଣ୍ଟରେ ଡିପ୍ଲୋମା କରିଥିଲେ ଯେଉଁଥିରେ ଆନିମଲ ହେଲଥ୍ ଏବଂ ୱାଇଲଡ୍ ଲାଇଫ୍ କେୟାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ୨୦୦୭ ମସିହାରେ ଆଲିଆ ଦିଲ୍ଲୀରୁ କାଶ୍ମୀର ଫେରିଥିଲେ ଏବଂ Wildlife SOSରେ ଜା କାଶ୍ମୀରର ପ୍ରକଳ୍ପ ଦାୟିତ୍ୱ ଗ୍ରହଣ କରିଥିଲେ।

ଯେତେବେଳେ ଆଲିଆ ମୀର କୌଣସି ବନ୍ୟଜନ୍ତୁକୁ ଉଦ୍ଧାର କରିବା ପାଇଁ ଘଟଣାସ୍ଥଳକୁ ଯାଆନ୍ତି, ମହିଳା ହୋଇଥିବାରୁ ତାଙ୍କୁ ପ୍ରାୟତଃ ସନ୍ଦେହ ଓ ନିରୁତ୍ସାହଜନକ ମନ୍ତବ୍ୟର ସମ୍ମୁଖୀନ ହେବାକୁ ପଡ଼େ, ଜଣେ ମହିଳା କିପରି ବନ୍ୟଜନ୍ତୁଙ୍କ ଉଦ୍ଧାର କରିପାରିବ ବୋଲି ଲୋକମାନେ ବ୍ୟଙ୍ଗାତ୍ମକ ମନ୍ତବ୍ୟ ଦିଅନ୍ତି। କିନ୍ତୁ ଯେତେବେଳେ ସେ ସହଜରେ ଉଦ୍ଧାର କାର୍ଯ୍ୟ ସମାପ୍ତ କରିଦିଅନ୍ତି , ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ବର୍ଷ ବର୍ଷ ଧରି ଆଲିଆ ମୀର କାଶ୍ମୀର ଉପତ୍ୟକାର ବିଭିନ୍ନ ସ୍ଥାନରେ ଶହ ଶହ ସାପ, ଚିତାବାଘ, ଭାଲୁ ଓ ପକ୍ଷୀଙ୍କୁ ଉଦ୍ଧାର କରିଛନ୍ତି। ତାଙ୍କର 'ସବୁଠାରୁ ଚର୍ଚ୍ଚିତ ସଫଳତା ମଧ୍ୟରୁ ଗୋଟିଏ ଥିଲା ଏକ ଅତ୍ୟନ୍ତ ବିଷାକ୍ତ ଲେବାଣ୍ଟାଇନ୍ ଭାଇପରକୁ ସୁରକ୍ଷିତ ଭାବେ ଧରିବା। ପ୍ରାୟ ଦୁଇ କିଲୋଗ୍ରାମ ଓଜନର ଏହି ସାପଟି ସେତେବେଳର ଜାମ୍ମୁ ଓ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସରକାରୀ ବାସଭବନରୁ ଉଦ୍ଧାର କରାଯାଇଥିଲା। ଏହା ଆଲିଆ ମୀରଙ୍କୁ ସାରା ଦେଶରେ ପରିଚିତ କରିଥିଲା ଏବଂ ଜାତୀୟସ୍ତରରେ ଖବରର ଶିରୋନାମା ପାଲଟିଥିଲେ।

ବର୍ତ୍ତମାନ ଆଲିଆ ମୀର ଓସକ୍ଷୟକ୍ଷସଲର ୫ଙଙ୫ରେ ଜାମ୍ମୁ ଓ କାଶ୍ମୀର ପ୍ରକଳ୍ପର ମୁଖ୍ୟ ଏବଂ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ସେ ନିୟମିତ ଭାବେ ଗାଁ ଗୁଡ଼ିକୁ ଯାଇ ବନ୍ୟଜନ୍ତୁ ନିକଟସ୍ଥ ଅଞ୍ଚଳରେ ଦେଖାଗଲେ କିପରି ପ୍ରତିକ୍ରିୟା କରିବାକୁ ହେବ, ସେ ବିଷୟରେ ସ୍ଥାନୀୟ ଲୋକଙ୍କୁ ସଚେତନ କରନ୍ତି। ବନ୍ୟଜନ୍ତୁଙ୍କୁ ପଥର ମାରିବା କିମ୍ବା ଆକ୍ରମଣ କରିବା ପରିବର୍ତ୍ତେ ଶାନ୍ତ ରହି ତୁରନ୍ତ ଉଦ୍ଧାର ଦଳକୁ ଖବର ଦେବାକୁ ସେ ଲୋକମାନଙ୍କୁ ପରାମର୍ଶ ଦିଅନ୍ତି। ସେ ଏକଥା ମଧ୍ୟ କୁହନ୍ତି ଯେ ସନ୍ଧ୍ୟା କିମ୍ବା ଭୋର ସମୟରେ ଯେତେବେଳେ ବନ୍ୟଜନ୍ତୁ ମାନେ ଅଧିକ ସକ୍ରିୟ ଥାଆନ୍ତି, ସେତେବେଳେ କ୍ଷେତକୁ ଯିବା ସମୟରେ କେଉଁ ସତର୍କତା ଅବଲମ୍ବନ କରିବା ଉଚିତ୍।

ଆଲିଆ ମୀରଙ୍କ ପ୍ରୟାସ କେବଳ ଅସଂଖ୍ୟ ବନ୍ୟଜନ୍ତୁଙ୍କ ଜୀବନ ବଞ୍ଚାଇନାହିଁ, ବରଂ କାଶ୍ମୀରର ଅନେକ ଲୋକଙ୍କ ମନରେ ବନ୍ୟଜନ୍ତୁ ଓ ମଣିଷ-ବନ୍ୟଜନ୍ତୁ ସଂଘର୍ଷ ପ୍ରତି ଥିବା ଧାରଣାକୁ ମଧ୍ୟ ବଦଳାଇଛି। ସ୍ଥାନୀୟ ସମୁଦାୟଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସହାବସ୍ଥାନକୁ ପ୍ରୋତ୍ସାହନ ଦେଇ ସେ ପ୍ରମାଣ କରିଛନ୍ତି ଯେ ସଂରକ୍ଷଣ କେବଳ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ନୁହେଁ; ମଣିଷର ମନୋଭାବ ବଦଳାଇବା ମଧ୍ୟ ଏହାର ମୁଖ୍ୟ ଅଂଶ। ୨୦୨୩ ମସିହା ମାର୍ଚ୍ଚ ମାସରେ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ପାଇଁ ଜାମ୍ମୁ ଓ କାଶ୍ମୀର ସରକାର ତାଙ୍କୁ ସମ୍ମାନଜନକ ୱାଇଲଡ ଲାଇଫ୍ କନଜରଭେସନ୍ ଆୱାର୍ଡରେ ସମ୍ମାନିତ କରିଥିଲେ।

ନିଜର ଦୃଢ଼ ସଂକଳ୍ପ ଓ ଅଦମ୍ୟ ଇଚ୍ଛାଶକ୍ତି ଦ୍ୱାରା ଆଲିଆ ମୀର ପ୍ରମାଣ କରିଛନ୍ତି ଯେ ପାରମ୍ପରିକ ଭାବେ ପୁରୁଷଙ୍କ ପାଇଁ ଉପଯୁକ୍ତ ବୋଲି ଧରାଯାଉଥିବା ବିପଦପୂର୍ଣ୍ଣ ପେଶାଗୁଡ଼ିକୁ ମହିଳାମାନେ ମଧ୍ୟ ସମାନ ଦକ୍ଷତା ଓ ନିଷ୍ଠାର ସହିତ କରିପାରିବେ।

ନିଉ ଏଜ୍ ଇସଲାମ୍

# ଦେଶ ପାଇଁ ସମର୍ପିତ ଚୌଧୁରୀ ପରିବାର

**ହିମାଂଶୁ ଶେଖର ଆଚାର୍ଯ୍ୟ**

କୁହାଯାଏ-ପରିବାର ଜାଗିଲେ ଦେଶ ଜାଗିବ । ଇତିହାସ ପୃଷ୍ଠା ଲେଉଟାଇଲେ ଓଡିଶାର ଏମିତି କତିପୟ ପରିବାର ରହିଛି ଯେଉଁ ପରିବାରର ସ୍ୱତନ୍ତ୍ରତା ସ୍ୱଷ୍ଟ ବାରି ହୋଇପଡେ । ଏସବୁ ପରିବାରର ପ୍ରତ୍ୟେକ ସଦସ୍ୟ ଭିନ୍ନ ଭିନ୍ନ କ୍ଷେତ୍ରରେ ବା ବିଶେଷ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲିଟିଛନ୍ତି । ସେମାନଙ୍କର ତ୍ୟାଗ, ତିତିକ୍ଷା ଓ ବଳିଦାନ ଏବେବି ଅନତିକ୍ରମଣୀୟ ହୋଇରହିଛି ଓ କାଳ କାଳକୁ ରହିଥିବ ମଧ୍ୟ । ବିସ୍ମୃତିର ପାଣିକନା ସେମାନଙ୍କ କଥା ଓ ଗାଥାକୁ ପୋଛି ଦେଇପାରିବ ନାହିଁ । ଏହା ଅନସ୍ୱୀକାର୍ଯ୍ୟ । ଏମିତି ଏକ ପରିବାର ହେଉଛି ଓଡିଶାର ଚୌଧୁରୀ ପରିବାର । ଚୌଧୁରୀ ପରିବାରର ମୁଖିଆ ଥିଲେ ଗୋ ଗ । କ ୁ ଳ । ନ ନ୍ଦ ଚୌଧୁରୀ,ସେତେବେଳର ପ୍ରତିଷ୍ଠିତ ଆଇନଜୀବୀ ଓ ଜଗତସିଂହପୁରର ବିଶିଷ୍ଟ ଜମିଦାର। ଏହି ପରିବାରର ପ୍ରତ୍ୟେକ ସଦସ୍ୟ ଦେଶର ସ୍ୱରାଜ୍ୟ ପାଇଁ ନିଜକୁ ସମର୍ପି ଦେଇଥିଲେ, ଦେଶ ପାଇଁ ସେହିଭଳି ଅନନ୍ୟ ଉଦାହରଣ ସୃଷ୍ଟି କରିଯାଇଛନ୍ତି ।

ଗୋପବନ୍ଧୁ ଚୌଧୁରୀ- ଚୌଧୁରୀ ପରିବାରର ବଡପୁଅ ଗୋପବନ୍ଧୁ ଚୌଧୁରୀ। ଏହି ମହାନ୍ ଜନନାୟକ ୧୮୯୫ ମସିହା ମେ' ୮ତାରିଖ କଟକ ସହରରେ ସ୍ୱରାଜ ଆଶ୍ରମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୈତୃକ ଜନ୍ମସ୍ଥାନ ଜଗତସିଂହପୁରର ଖେରସ ଗ୍ରାମରେ ।ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମେଧାବୀ ଛାତ୍ର। ସେ କଟକରୁ ମାଧ୍ୟମିକ ଶିକ୍ଷା ସମାପ୍ତ କରି କଲିକତାରେ କୃତିତ୍ୱର ସହ ବି.ଏ. ଓ ଏମ୍.ଏ ପାଶ୍ କରିଥିଲେ। ପରେ କଲିକତାରେ ଆଇନ ପରୀକ୍ଷାର ପ୍ରଥମ ଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଆଇନ ପାଠ ଅସମାପ୍ତ ରଖି କଟକରେ ଡେପୁଟି ମାଜିଷ୍ଟ୍ରେଟ୍ ରୂପେ ଅବସ୍ଥାପିତ ହୋଇଥିଲେ। ମାତ୍ର ଏହି ଚାକିରି ତାଙ୍କୁ ଭଲ ଲାଗୁନଥିଲା। ଓଡ଼ିଆ ମାନଙ୍କ ପ୍ରତି ଇଂରେଜ ମାନଙ୍କ ତାଚ୍ଛଲ୍ୟ ବ୍ୟବହାର ତାଙ୍କୁ ବ୍ୟଥିତ କରି ପକାଇଥିଲା। ୧୯୨୦ ମସିହାରେ ଯେତେବେଳେ ଯାଜପୁର ଅଞ୍ଚଳରେ ଭୀଷଣ ନଇବଢ଼ି ସମୟରେ ବନ୍ୟା ବିଧ୍ୱସ୍ତ ଗ୍ରାମ ମାନଙ୍କୁ ଦେଖି ସେ କାନ୍ଦି ପକାଇଥିଲେ ଓ ସରକାରଙ୍କୁ ସାହାଯ୍ୟ ଯଥେଷ୍ଟ ନୁହେଁ ବୋଲି ଦାବି ଜଣାଇଥିଲେ । ସରକାର ଗୋପବନ୍ଧୁଙ୍କ ଦାବିକୁ ଆଗ୍ରାହ୍ୟ କରିଦେବାରୁ ବାଧ୍ୟ ହୋଇ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇଥିଲେ। ଏହାପରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ଅଳକାଶ୍ରମର ତତ୍ତ୍ୱାବଧାରକ ଦାୟିତ୍ୱନେଇଥିଲେ ସେ। ପରବର୍ତ୍ତୀ ପର୍ଯ୍ୟାୟରେସେ ଅସହଯୋଗ ଅନ୍ଦୋଦାଳନ,ଲବଣ ସତ୍ୟାଗ୍ରହ ଓ ଭାରତଛାଡ ଅନ୍ଦୋଳନରେ ସାମିଲ ହୋଇ ଜେଲ୍ ଯାଇଥିଲେ ଓ କାରାବରଣ କରିଥିଲେ।୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା। ହେଲେ ଗୋପବନ୍ଧୁ ଚୌଧୁରୀ ଅନୁଭବ କଲେ ଯେ, ଏ ସ୍ୱରାଜ ଗାନ୍ଧିଜୀଙ୍କ ପରିକଳ୍ପିତ ସ୍ୱରାଜ ନୁହେଁ। ସେଥିପାଇଁ ସେ କ୍ଷମତା ରାଜନୀତିରୁ ଦୂରେଇ ଯାଇଥିଲେ। ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେଇଥିଲେ ଓ ଏଇଠି ଗଢ଼ି ଉଠିଥିଲା " ମାନବ ସେବା - ମାଧବ ସେବା "ର ଯଜ୍ଞବେଦୀ ବହୁ ଚର୍ଚ୍ଚିତ ବରୀ ଆଶ୍ରମ। ଏହି ମହାନ୍ ଜନନାୟକଙ୍କ ମହାପ୍ରୟାଣ ଘଟିଲା ୧୯୫୮ ମସିହା ଏପ୍ରିଲ ୨୯ ତାରିଖରେ ।

ରମାଦେବୀ (ଚୌଧୁରୀ): ରମା ଦେବୀ ଚୌଧୁରୀ ଥିଲେ ଏହି ପରିବାରର ବଡବୋହୂ ଓ ଧୂଳିମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀଙ୍କ ସହଧର୍ମିଣୀ। ସେ ହେଉଛନ୍ତି ଗୋପାଳ ବଲ୍ଲଭ ଦାସଙ୍କ ଝିଅ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରୀ। ଏହି ମହୀୟସୀ ନାରୀନେତ୍ରୀ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ଅଞ୍ଚଳର ସତ୍ୟଭାମାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ୧୯୨୧ ମସିହା ମାର୍ଚ୍ଚ ମାସ ୨୧ ତାରିଖର କଥା । ରମାଦେବୀଙ୍କୁ ସେତେବେଳେ ମାତ୍ର ୨୨ ବର୍ଷ । ନାରୀମାନଙ୍କୁ ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ କଂଗ୍ରେସ ପକ୍ଷରୁ କଟକରେ ଏକ ମହିଳା ସଭାର ଆୟୋଜନ କରାଯାଇଥିଲା। ରମାଦେବୀ ଶାଶୁଙ୍କ ସହିତ ସେ ସଭାକୁ ଯାଇଥିଲେ । ଏହି ସଭାରେ ଗାନ୍ଧିଜୀ ଯୋଗଦେଇ ସମବେତ ମହିଳାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଆପଣମାନେ ସୌଖୀନତାକୁ ବଡ଼ କରନ୍ତୁ ନାହିଁ। ଏହି ସ୍ମରଣୀୟ ଘଟଣା ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ତାପରେ ରମାଦେବୀ ଦେଶ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ। ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟାଗ୍ରହ ଓ ୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ଯାତ୍ରା ଏହି ପଦଯାତ୍ରାରେ ଥିଲେ ମୀରାବେନ୍,ଭାବତୀ ଦେବୀ, ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ। ଗାନ୍ଧିଜୀ ରମାଦେବୀଙ୍କ ନେତୃତ୍ୱରେ ପରିଚାଳିତ ହାଇଥିବା ହରିଜନ ଯାତ୍ରା କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ଏହା ପରେ 'ମାନବ ସେବାକୁ ମାଧବ ସେବା' ରୂପେ ଗ୍ରହଣ କରି ବରୀକୁ ନିଜର କର୍ମ କ୍ଷେତ୍ରରୂପେ ବାଛିନେଲେ ରମାଦେବୀ। ଏହି ମହୀୟସୀ ନାରୀନେତ୍ରୀଙ୍କର ତିରୋଧାନ ହେଲା ୧୯୮୫ ମସିହା ଜୁଲାଇ ୨୨ତାରିଖରେ।

ନବକୃଷ୍ଣ ଚୌଧୁରୀ: ଚୌଧୁରୀ ପରିବାରର ସାନପୁଅ ନବକୃଷ୍ଣ ଚୌଧୁରୀ । ଏକାଧାରରେ ସେ ଜଣେ ବିପ୍ଳବୀ ଓ ଜନନାୟକ। ଏହି ମହାନ୍ ଜନନାୟକ ୧୯୦୧ ମସିହା ନଭେମ୍ବର୨୩ ତାରଖରେ ଜନ୍ମଗ୍ରଷଣ କରିଥିଲେ। ୧୯୨୧ ମସିହାର କଥା । ସେତେବେଳେ ମହାତ୍ମାଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥାଏ ସମଗ୍ର ଦେଶରେ । ଗାନ୍ଧିଜୀଙ୍କ ଆହ୍ୱାନରେ ଯେଉଁ କଲେଜ ଛାତ୍ରମାନେ ପାଠପଢ଼ା ଛାଡି ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ ସେମାନଙ୍କ ଭିତରୁ ଜଣେ ଥିଲେ ନବକୃଷ୍ଣ ଚୌଧୁରୀ ।୧୯୨୩ ମସିହାରେ ନବକୃଷ୍ଣ ସାବରମତୀ ଯାତ୍ରା କଲେ ଓ ସେଠାରେ କିଛିଦିନ ରହିଲେ । ଏହି ଆଶ୍ରମର ରହଣି ତାଙ୍କ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଲା ।ପରବର୍ତ୍ତୀ ପର୍ଯ୍ୟାୟରେ ତାହା ରୂପାନ୍ତିରିତ ହୋଇଥିଲା 'ତରି ଆଶ୍ରମ' ରୂପେ । ସେଇ ଆଶ୍ରମରୁ ସେ ସାମିଲ ହୋଇଥିଲେ ଲବଣ ସତ୍ୟାଗ୍ରହରେ । ବାଲେଶ୍ୱରର 'ଇଞ୍ଚୁଡି' ଠାରେ ଲବଣ ମାରି ବନ୍ଦୀ ହେଲେ ନବକୃଷ୍ଣ । ଜେଲରୁ ଫେରି ସେ ତରି ଆଶ୍ରମରେ ଏକଜୁଟ କଲେ ଖଟିଖିଆ, ମେହନତି ମଣିଷ ଓ ଚାଷୀମାନଙ୍କୁ । ସେମାନଙ୍କୁ ସଚେତନ କରିବା ପାଇଁ ନିଜ ସ୍ତ୍ରୀର ଗହଣା ବିକି ୧୯୩୩ ମସିହାରେ 'ସାରଥୀ' ନାମକ ଏକ ମୁଖପତ୍ର ପ୍ରକାଶ କଲେ । ଏହି ପତ୍ରିକାର ମୁଖବନ୍ଧରେ ଲେଖାଥିଲା - 'ଦୁନିଆର ସବୁ ଶ୍ରମିକ ଏକ ହୁଅ' । ୧୯୫୬ ମସିହା ଅକ୍ଟୋବର ମାସରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାପରେ ସେ ସହଧର୍ମିଣୀ ମାଳତୀ ଚୌଧୁରୀଙ୍କ ସହ ନିଜକୁ ଶେଷ ଜୀବନ ପର୍ଯ୍ୟନ୍ତ ନିୟୋଜିତ କରିଥିଲେ ଅନୁଗୁଳ ଠାରେ ଥିବା ବାଜିରାଉତ ଛାତ୍ରାବାସରେ ଯାହାକୁ ସେ ମୁକ୍ତି ସଂଗ୍ରାମର ଶହୀଦ ବୀର ବାଜି ରାଉତଙ୍କ ସ୍ମୃତି ଉଦେଶ୍ୟରେ ପ୍ରତିଷ୍ଠା କରିଥିଲେ ୧୯୪୬ ମସିହାରେ । ଦୀର୍ଘ ୮୩ ବର୍ଷର ସମର୍ପିତ ଜୀବନର ଅନ୍ତ ହେଲା ୧୯୮୪ ମସିହା ଜୁନ୍୨୪ ତାରିଖରେ।

ମାଳତୀଦେବୀ(ଚୌଧୁରୀ): ଏହି କିମ୍ବଦନ୍ତୀ ମହିଳା ୧୯୦୪ ମସିହା ଜୁଲାଇ ୨୬ ତାରିଖରେ କଲିକତା ସହରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଥିଲେ ସେତେବେଳର ପାଟନା ହାଇକୋର୍ଟର ସୁନାମଧନ୍ୟ ବାରିଷ୍ଟର କୁମୁଦନାଥ ସେନ୍ । ୧୯୨୭ ମସିହା ଜୁଲାଇ ୨୭ ତାରିଖରେ ବଙ୍ଗୀୟ ବ୍ରାହ୍ମକନ୍ୟା ମାଳତୀ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କଲାପରେ ତାଙ୍କର ଜୀବନର ଗତିପଥ ବଦଳି ଯାଇଥିଲା । ଏହାପରେ ସେ ମାଳତୀ ସେନ୍‌ରୁ ମାଳତୀ ଚୌଧୁରୀ ହୋଇ ଏକ ମହାନ ବିପ୍ଳବିଣୀ ମହିଳା ରୂପେ ଆତ୍ମପ୍ରକାଶ କରିଥିଲେ । ଦାମ୍ପତ୍ୟ ସୁଖକୁ ପଛରେ ପକାଇ ମାଳତୀ ଚୌଧୁରୀ ଜମିଦାର ଉଆସ ଛାଡି ତରିକୁନ୍ଦ ଠାରେ ଥିବା କୃଷି ଫାର୍ମରେ ଯାଇ ରହିଲେ । ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟାଗ୍ରହ ଓ ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଯୋଗଦେବାରୁ ବ୍ରିଟିଶ୍ ସରକାର ତାଙ୍କୁ ଅଟକବନ୍ଦୀ କରି ରଖିଥିଲେ । ସେତିକିବେଳେ ତାଙ୍କ ବଡଝିଅ ଉତ୍ତରା ମାତ୍ର ୧୫ ବର୍ଷ ବୟସରେ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ । ଜଣେ ବିପ୍ଳବିଣୀ ଭାବେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ସାମିଲ୍ ହେବା ସହିତ ସମାଜରୁ ଦୁର୍ନୀତି, ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାରେ ମାଳତୀ ଦେବୀଙ୍କ ଦୃଢତା ତାଙ୍କୁ ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଦେଇଛି। ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସେ ନିଜ ସ୍ୱାମୀ ନବକୃଷ୍ଣ ଚୌଧୁରୀଙ୍କ ସହିତ ମିଶି ଦରିଦ୍ର ନିଷ୍ପେସିତ ଓ ଆଦିବାସୀ ଜନତାଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ୧୯୯୮ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ମହୀୟସୀ ମହିଳା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବାଜିରାଉତ ଛାତ୍ରାବାସରେ ।

ଅନ୍ନପୂର୍ଣ୍ଣା ଚୌଧୁରୀ (ମହାରଣା) : ଅଗ୍ନିକନ୍ୟା ଅନ୍ନପୂର୍ଣ୍ଣା ମହାରଣା ଗୋପବନ୍ଧୁ ଚୌଧୁରୀ ଓ ମା ରମାଦେବୀଙ୍କ ଝିଅ। ପରେ ସେ ପ୍ରବୀଣ ଶିକ୍ଷାବିତ ଶରତ ଚନ୍ଦ୍ର ମହାରଣାଙ୍କ ସହଧର୍ମିଣୀ ହୋଇଥିଲେ। ୧୯୧୭ ମସିହା ନଭେମ୍ବର ୩୦ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ । ମାତ୍ର ୧୩ ବର୍ଷ ବୟସରୁ ସ୍ୱରାଜ ଆଶ୍ରମରେ ସ୍ୱାଧୀନତା ଆଣିବାର ଶପଥ ନେଇ ବାନରସେନାରେ ସାମିଲ ହୋଇ ସେ ସମୟରେ ଜେଲ୍ ଯାଇଥିଲେ ।୧୯୩୪ ମସିହାରେ ଗାନ୍ଧିଜୀ ଆରମ୍ଭ କରିଥିବା ହରିଜନ ପଦଯାତ୍ରାରେ ସେ ସହଯୋଗୀ ଥିଲେ। ବରୀରେ ହରିଜନ ସେବା, ନିଶା ନିବାରଣ, ମୌଳିକ ଶିକ୍ଷା, ଖଦୀ, ଗ୍ରାମ ସଫେଇ ଭଳି ରଚନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଆଦିବାସୀ ପିଲାଏ ଶିକ୍ଷିତ ହୋଇ ନିଜ ଜାତିକୁ ଶିକ୍ଷିତ କରାଇବେ ଏହାଦ୍ୱାରା ସମାଜର ମଙ୍ଗଳ ହେବବୋଲି ଏକଥା ମର୍ମେ ମର୍ମେ ଅନୁଭବ କରିଥିଲେ ଅନ୍ନପୂର୍ଣ୍ଣା । ୧୯୩୦ ମସିହାରୁ ୧୯୪୫ ମସିହା ମଧ୍ୟରେ ପ୍ରାୟ ନଅ ଥର ବନ୍ଦୀହୋଇ କାରାବରଣ କରିଥିଲେ।୨୦୧୨ ମସିହା ଡିସେମ୍ବର ୩୧ତାରିଖ ଦିନ ସେ ଚାଲି ଯାଇଛନ୍ତି ଅଫେରା ରାଇଜକୁ ।

ଏଥିସହିତ ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ ପୁଅ ସଂଗ୍ରାମୀ ମନମୋହନ ଚୌଧୁରୀ, ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା, ନବକୃଷ୍ଣ ଚୌଧୁରୀ ଓ ମାଳତୀଦେବୀଙ୍କ ବଡ ଝିଅ ବିଦ୍ରୋହିଣୀ ଉତ୍ତରା ଚୌଧୁରୀ (ଦେଶାଇ) ଓ ଜ୍ୱାଇଁ ନାରାୟଣ ଦେଶାଇ, ସାନ ଝିଅ କ୍ରିଷ୍ଣା ଚୌଧୁରୀ (ମହାନ୍ତି) ଓ ସାନ ଜ୍ୱାଇଁ ବିଭୂତି ଭୂଷଣ ମହାନ୍ତି ମଧ୍ୟ ଚୌଧୁରୀ ପରିବାରର ଆଦର୍ଶରେ ଅନୁପ୍ରାଣିତ ହୋଇ ମୁକ୍ତି ସଂଗ୍ରାମରେ ନିଜକୁ ଝାସ ଦେଇ ଅନେକ ବାର କାରାବରଣ କରିଥିଲେ । ହେଲେ ଏମାନଙ୍କ ଜୀବନର ତ୍ୟାଗ, ବଳିଦାନ, ଓ ଜୀବନାଦର୍ଶ ଇତିହାସର ପାଣ୍ଡୁଲିପି ହୋଇ ରହିଛି। ସେ ପାଣ୍ଡୁଲିପିକୁ ପଢିବାର ଅଛି ଓ ତାର ସାରମର୍ମକୁ ଉତ୍ତରପିଢିଙ୍କ ପାଖରେ ପହଞ୍ଚାଇବାର ଅଛି। ସେ ଦାୟିତ୍ୱ ଆମ ସମସ୍ତଙ୍କର।

ସଭାପତି
ସାରସ୍ୱତ ପରିଷଦ,ଜଗତସିଂହପୁର
ମୋ-୯୯୩୭୧୫୧୦୫୨

# ଇଣ୍ଡିଆ ମେଣ୍ଟ ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ଭଦ୍ରକ, ୨୬/୮: ଭାରତୀୟ ସଂବିଧାନର ସୁରକ୍ଷା, ଦେଶର ସଂଘୀୟ ଢାଞ୍ଚା , ରାଜ୍ୟମାନଙ୍କର ସାମ୍ବିଧାନିକ ଓ ଆର୍ଥିକ ଅଧିକାର, ପ୍ରାକୃତିକ ଓ ଖଣିଜ ସମ୍ପଦ ଉପରେ ଖଣିଜ ସମୃଦ୍ଧ ରାଜ୍ୟମାନଙ୍କର ନ୍ୟାୟସଙ୍ଗତ ଅଧିକାର ଏବଂ ଆଦିବାସୀ ଓ ଖଣି ପ୍ରଭାବିତ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏହି ଜନ ବିରୋଧୀ ଆଇନ ରଦ୍ଦ କରିବା ଦାବିରେ ଇଣ୍ଡିଆ ମେଣ୍ଟ ଭଦ୍ରକ ଶାଖାର ଅନ୍ତର୍ଭୁକ୍ତ ରାଜନୈତିକ ଦଳ ଭାରତୀୟ ଜାତୀୟ କଂଗ୍ରେସ, ଭାରତର କମ୍ୟୁନିଷ୍ଟ ପାର୍ଟି ( ମାର୍କ୍ସବାଦୀ) , ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ସିପିଆଇଏମଏଲ ଲିବରେସନ ପକ୍ଷରୁ ମିଳିତ ଭାବେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦୁଇଟି ଶୋଭାଯାତ୍ରା ଗୋଟିଏ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରୁ ଓ ଅନ୍ୟ ଶୋଭାଯାତ୍ରା ବନ୍ତ ଛକ ଠାରୁ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଖଣି ଓ ଖଣିଜ ପଦାର୍ଥ (ବିକାଶ ଓ ନିୟମାବଳୀ) ସଂଶୋଧନ ଆଇନ–୨୦୨୬ ଦେଶର ଖଣିଜ ସମ୍ପଦର ପରିଚାଳନା, ରାଜ୍ୟମାନଙ୍କର ରାଜସ୍ୱ ଅଧିକାର, ସଂଘୀୟ ଢାଞ୍ଚା ଏବଂ ଖଣି ପ୍ରଭାବିତ ଅଞ୍ଚଳର ସାମାଜିକ ଓ ପରିବେଶୀୟ ସୁରକ୍ଷା ଉପରେ ଦୂରଗାମୀ ପ୍ରଭାବ ପକାଇବାର ଆଶଙ୍କା ରହିଛି। ଏହା କେବଳ ଏକ ଖଣି ଆଇନର ପ୍ରଶାସନିକ ସଂଶୋଧନ ନୁହେଁ, ଏହାର କେତେକ ବ୍ୟବସ୍ଥା ରାଜ୍ୟମାନଙ୍କର ସାମ୍ବିଧାନିକ କ୍ଷମତା ଓ ଆର୍ଥିକ ସ୍ୱାୟତ୍ତତାକୁ ପ୍ରଭାବିତ କରିବା ସହିତ ଖଣିଜ ସମ୍ପଦ ଉପରେ କେନ୍ଦ୍ରୀୟ ନିୟନ୍ତ୍ରଣକୁ ଅଧିକ ସୁଦୃଢ଼ କରିବ ।ଏହି ପରିପ୍ରେକ୍ଷିରେ, ଆଇନଟିକୁ ଏହାର ବର୍ତ୍ତମାନ ରୂପରେ ରଦ୍ଦ କରିବା ଜରୁରୀ ବୋଲି ବିକ୍ଷୋଭ ରେ ଯୋଗ ଦେଇଥିବା ଇଣ୍ଡିଆ ମେଣ୍ଟ ର ନେତୃତ୍ୱ ପ୍ରକାଶ କରିଥିଲେ । ଏହି କଳା ଆଇନକୁ ତୁରନ୍ତ ରଦ୍ଦ କରିବା ପାଇଁ ଇଣ୍ଡିଆ ମେଣ୍ଟ ର ନେତୃତ୍ୱ ଦାବି କରିଥିଲେ । ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଙ୍କୁ ପାଖକୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଜାତୀୟ କଂଗ୍ରେସ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତି, ସିପିଆଇଏମ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସିପିଆଇଏମଏଲ ଲିବରେସନ ଜିଲ୍ଲା ସଂପାଦକ ସମର ବଳ ଙ୍କ ମିଳିତ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ରେ ବାସୁଦେବପୁର ବିଧାୟକ ଅଶୋକ ଦାସ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ସିପିଆଇଏମ ର ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସିପିଆଇ ନେତା ରମେଶ ଜେନା, ଅନନ୍ତ ମହାନ୍ତି, ସିପିଆଇଏମଏଲ ଲିବରେସନ ନେତ୍ରୀ ଜୟନ୍ତୀ ବିଶ୍ୱାଳ , କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ମହମ୍ମଦ ମୋକିମ, ସିପିଆଇ(ଏମ) ନେତା ରାଧାନାଥ ଦାସ, ମଳୟ ଭୋଇ, ବିଷ୍ଣୁ ଦାଶ, ପ୍ରଫୁଲ୍ଲ ପାଢୀ, ପ୍ରଭାସ ମହାପାତ୍ର, ଜୟନୂଲ ଆବେଦିନ ପ୍ରମୁଖ ଯୋଗଦେଇ ଏହି କଳା ଆଇନକୁ ତୁରନ୍ତ ରଦ୍ଦ କରିବାକୁ ସଭା ମାଧ୍ୟମରେ କେନ୍ଦ୍ର ସରକାର ଙ୍କ ନିକଟରେ ଦାବି କରିଥିଲେ ।




# ଓଡ଼ିଶା ରାଜ୍ୟପାଳଙ୍କ ଏଡିସି ଭାବେ ଯୋଗ ଦେଲେ ଅନୁଗୁ ଶିବା ମାରୁତି ରେଡ୍ଡୀ



ଭୁବନେଶ୍ୱର, ୨୬/୮ :ଆଇପିଏସ ଅଧିକାରୀ ଅନୁଗୁ ଶିବା ମାରୁତି ରେଡ୍ଡୀ ମଙ୍ଗଳବାର ଦିନ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ଏଡିସି (ଏଡ୍-ଡି-କ୍ୟାମ୍ପ) ଭାବେ ଯୋଗ ଦେଇଛନ୍ତି।

ଲୋକ ଭବନରେ ଏକ ଔପଚାରିକ ସମାରୋହରେ ରାଜ୍ୟପାଳ ଶ୍ରୀ ରେଡ୍ଡୀଙ୍କୁ ନୂତନ ଦାୟିତ୍ୱରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ କମିଶନର–ତଥା– ଶାସନ ସଚିବ ଡ. ରୂପା ରୋଶନ ସାହୁଙ୍କ ସମେତ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ନୂତନ ପଦବୀ ଗ୍ରହଣ କରିବା ପୂର୍ବରୁ ଶ୍ରୀ ରେଡ୍ଡୀ ଜି. ଉଦୟଗିରିର ସବ୍-ଡିଭିଜନାଲ୍ ପୋଲିସ୍ ଅଫିସର୍ (ଏସଡିପିଓ) ଭାବେ କାର୍ଯ୍ୟରତ ଥିଲେ।

ପୂର୍ବରୁ ରାଜ୍ୟପାଳଙ୍କ ପୋଲିସ ଏଡିସି ଭାବେ କାର୍ଯ୍ୟରତ ଥିବା ଆଇପିଏସ୍ ଅଧିକାରୀ ଅନନ୍ୟା ଅଓ୍ୱସ୍ଥୀଙ୍କ ସ୍ଥାନରେ ଶ୍ରୀ ରେଡ୍ଡୀ ଯୋଗ ଦେଇଛନ୍ତି।

ଓଡ଼ିଶା ରାଜ୍ୟପାଳଙ୍କୁ ଦୁଇ ଜଣ ଏଡିସି ସହାୟତା କରିଥାନ୍ତି ଓ ଜଣେ ଭାରତୀୟ ନୌସେନାରୁ ଓ ଅନ୍ୟ ଜଣେ ଓଡ଼ିଶା ପୋଲିସରୁ। ବର୍ତ୍ତମାନ ଲେଫ୍ଟନାଣ୍ଟ ହର୍ଷିତ ଦେଓ ନୌସେନା ଏଡିସି ଭାବେ କାର୍ଯ୍ୟ କରୁଥିବା ବେଳେ ଶ୍ରୀ ରେଡ୍ଡୀ ପୋଲିସ୍ ଏଡିସି ଭାବେ ଯୋଗ ଦେଇଛନ୍ତି।

# ବିଧାନସଭା ଅଧିବେଶନ ସମୟରେ ଏମ. ଏମ. ଡି. ଆର ଆଇନିକୁ ନେଇ ପ୍ରତିବାଦ ଧାରଣା --ଓଡ଼ିଆ ଅସ୍ମିତା ପରିଷଦ

ଭୁବନେଶ୍ୱର, ୨୬/୮: ଗତ ୨୧ତାରିଖ ରେ ଆନୁଷ୍ଠିତ ଆଲୋଚନା ଚକ୍ରର ନିଷ୍ପତ୍ତି ଅନୁଯାଇ ଆସନ୍ତା ସେପ୍ଟେମ୍ବର ୨୩ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଧାନସଭା ଅଧିବେଶନ ସମୟରେ ଏମ.ଏମ. ଡି. ଆର ଆଇନ -୨୦୨୬ବିରୁଦ୍ଧରେ ପ୍ରତିବାଦ ଧାରଣା କରିବ ଓଡ଼ିଆ ଅସ୍ମିତା ପରିଷଦ. ପରିଷଦର ଆବାହକ ରବି ବେହେରା ଆଜି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି ଯେ ଏମ. ଏମ. ଡି. ଆର. ଆଇନ ଯୋଗୁଁ ଓଡିଶା ୨୦୦୫ରୁ ୨୦୨୪ ମଧ୍ୟରେ ବାକି ପଡ଼ିଥିବା ଏକ ଲକ୍ଷ କୋଟି ଟଙ୍କା ହରେଇଲା. ଏହା ବ୍ୟତୀତ ପ୍ରତି ବର୍ଷ ୧୨ହଜାର କୋଟି ଟଙ୍କା ହରେଇବାକୁ ଯାଉଛି. ଫଳରେ ରାଜ୍ୟର ବିକାଶ ବାଧାପ୍ରାପ୍ତ ହେବ । ଓଡିଶାରେ ବେକାରୀ ବଢିବ. କ୍ଷତିଗ୍ରସ୍ତ ହେବେ ରାଜ୍ୟର ଏରଭ ତ ଓ ଖଣିଜ ବହୁଳ ଅଂଚ୍ଳର ଆଦିବାସୀ ।ସେମାନଙ୍କ ସ୍ୱାର୍ଥ ପାଇଁ ଏ ଲଢେଇ ଜାରି ରହିବ ବୋଲି ଶ୍ରୀ ବେହେରା କହିଛନ୍ତି ।

# କଳାହାଣ୍ଡି ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଭାବେ ନର୍ଲାର ଧର୍ମେନ୍ଦ୍ର ବାହୁକ ମନୋନୀତ

ଭବାନୀପାଟଣା/ନର୍ଲା , ୨୬/୮ :କଳାହାଣ୍ଡି ଜିଲ୍ଲା ଭାରତୀୟ ଜନତା ଯୁବମୋର୍ଚ୍ଚାର ନୂତନ ସାଙ୍ଗଠନିକ କମିଟି ଘୋଷଣା ହୋଇଛି। ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଶ୍ରୀ ଅଭିଳାଷ ପଣ୍ଡା, ଜିଲ୍ଲା ବିଜେପି ସଭାପତି ଶ୍ରୀ ଯୁଗଳ କିଶୋର ପୋଦ୍ଦ ଏବଂ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶ୍ରୀ ଅବିନାଶ ନନ୍ଦଙ୍କ ଅନୁମୋଦନକ୍ରମେ ଜିଲ୍ଲା ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଭିନ୍ନ ପ୍ରକୋଷ୍ଠର ଦାୟିତ୍ୱ ଘୋଷଣା କରାଯାଇଛି।



ଏହି ନୂତନ କମିଟିରେ ନର୍ଲାର ଜଣାଶୁଣା ଯୁବ ସଂଗଠକ ତଥା ଏବିଭିପି (ଇଈଠଚ)ର ପୂର୍ବତନ ଛାତ୍ରନେତା ଧର୍ମେନ୍ଦ୍ର ବାହୁକଙ୍କୁ କଳାହାଣ୍ଡି ଜିଲ୍ଲା ଯୁବମୋର୍ଚ୍ଚାର ଜିଲ୍ଲା ସମ୍ପାଦକ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି।

?ଛାତ୍ର ଜୀବନରୁ ରାଷ୍ଟ୍ରବାଦୀ ଚିନ୍ତାଧାରା ଓ ସାଙ୍ଗଠନିକ କାର୍ଯ୍ୟ ସହ ଜଡ଼ିତ ଶ୍ରୀ ବାହୁକ ବିଭିନ୍ନ ଯୁବ ଓ ସାମାଜିକ ଆନ୍ଦୋଳନରେ ସର୍ବଦା ଆଗଧାଡ଼ିରେ ରହିଆସିଛନ୍ତି। ତୃଣମୂଳ ସ୍ତରରେ ଯୁବବର୍ଗଙ୍କୁ ଏକତ୍ରିତ କରିବା ଏବଂ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ଜଣେ ନିଷ୍ଠାପର ଯୁବ କାର୍ଯ୍ୟକର୍ତ୍ତା ଭାବେ ତାଙ୍କୁ ଜିଲ୍ଲା ସ୍ତରୀୟ ଦାୟିତ୍ୱ ମିଳିବା ପରେ ସମଗ୍ର ନର୍ଲା ଅଞ୍ଚଳ ତଥା ଜିଲ୍ଲାର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ନୂତନ ଦାୟିତ୍ୱ ମିଳିବା ପରେ ଧର୍ମେନ୍ଦ୍ର ବାହୁକ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଜିଲ୍ଲାରେ ଯୁବ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।

# ରାଜଧାନୀ ମହାବିଦ୍ୟାଳୟରେ ଉତ୍ସାହର ସହ ପାଳିତ ହେଲା ପବିତ୍ର ରକ୍ଷା ବନ୍ଧନ ଉତ୍ସବ






ଭୁବନେଶ୍ୱର, ୨୬/୮: ଆଜି ରାଜଧାନୀ ମହାବିଦ୍ୟାଳୟ ପରିସରରେ ରାଜଧାନୀ ଷ୍ଟୁଡେଣ୍ଟ ୟୁନିଟ୍ ପକ୍ଷରୁ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଆନନ୍ଦ ଓ ଉତ୍ସାହର ସହ ଆୟୋଜିତ ହୋଇଥିଲା।ଏହି ପବିତ୍ର ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଡ଼ ସରୋଜ କାନ୍ତ ଚୌଧୀର,ଛାତ୍ର ସଂସଦ ର ପୂର୍ବତନ ସଭାପତି ତଥା ଆଲୁମନି ଆସୋସିଏସନ ର ସମ୍ପାଦକ ରଜତ କୁମାର ପରିଡ଼ା , ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ, ଛାତ୍ର ନେତା ପ୍ରମୁଖ ଉପସ୍ଥିତ ରହି ରକ୍ଷା ବନ୍ଧନର ପବିତ୍ର ପରମ୍ପରାକୁ ପାଳନ କରିଥିଲେ। ଏହି ଅବସରରେ ପରସ୍ପର ମଧ୍ୟରେ ଭାଇଚାରା, ସ୍ନେହ, ଏକତା ଓ ଆତ୍ମୀୟତାର ଅତୁଟ ବନ୍ଧନକୁ ଆହୁରି ସୁଦୃଢ଼ କରିବାର ବାର୍ତ୍ତା ଦିଆଯାଇଥିଲା।ରକ୍ଷା ବନ୍ଧନ କେବଳ ଏକ ପର୍ବ ନୁହେଁ, ଏହା ଭାଇ-ଭଉଣୀଙ୍କ ସ୍ନେହ ସହିତ ସମାଜରେ ପରସ୍ପର ପ୍ରତି ଭଲପାଇବା, ବିଶ୍ୱାସ, ସମ୍ମାନ ଓ ଦାୟିତ୍ୱବୋଧର ପବିତ୍ର ପ୍ରତୀକ। ଏଭଳି ଆୟୋଜନ ମହାବିଦ୍ୟାଳୟ ପରିସରରେ ଏକତା, ସୌହାର୍ଦ୍ଦ୍ୟ ଓ ସକାରାତ୍ମକ ପରିବେଶକୁ ଆହୁରି ସୁଦୃଢ଼ କରିଥାଏ।ରାଜଧାନୀ ଷ୍ଟୁଡେଣ୍ଟ ୟୁନିଟ୍ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସମସ୍ତଙ୍କ ସକ୍ରିୟ ଯୋଗଦାନ ଓ ସହଯୋଗ ଏହାକୁ ଏକ ସ୍ମରଣୀୟ ଓ ଆନନ୍ଦମୟ ଅବସରରେ ପରିଣତ କରିଥିଲା।

# "ସଡ଼କ ଦୁର୍ଘଟଣା ତଥ୍ୟରୁ ସୁରକ୍ଷିତ ସଡ଼କ ଦିଗରେ: ବୈଜ୍ଞାନିକ ତଦନ୍ତକୁ ଗୁରୁତ୍ୱ ଦେଲା ଓଡ଼ିଶା ପୁଲିସ"




କଟକ, ୨୬/୮: ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ, ଓଡ଼ିଶାର ମାନ୍ୟବର ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରେ ଓଡ଼ିଶା ପୁଲିସ ପକ୍ଷରୁ କଟକସ୍ଥିତ ଆଇଜିପି, କେନ୍ଦ୍ରାଞ୍ଚଳଙ୍କ କାର୍ଯ୍ୟାଳୟରେ ଏକଦିନିଆ 'ସଡ଼କ ସୁରକ୍ଷା ଓ ଦୁର୍ଘଟଣା ତଦନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜିତ ହୋଇଥିଲା। ଆଇଜିପି, କେନ୍ଦ୍ରାଞ୍ଚଳ ଡଃ ସତ୍ୟଜିତ ନାୟକଙ୍କ ତତ୍ତ୍ୱାବଧାନରେ ଏବଂ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ସହ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀଙ୍କ ସମେତ ସଡ଼କ ସୁରକ୍ଷା ସହ ସମ୍ପୃକ୍ତ ବିଭିନ୍ନ ଅଂଶୀଦାର ଯୋଗଦେଇଥିଲେ। ଏସ୍‌ଟିଏ, ଓଡ଼ିଶାର ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟରତ ଆଇଆଇଟି ମାଡ୍ରାସର ବୈଷୟିକ ବିଶେଷଜ୍ଞମାନେ ଏଥିରେ ଯୋଗଦେଇ ବୈଜ୍ଞାନିକ ଢଙ୍ଗରେ ସଡ଼କ ଦୁର୍ଘଟଣା ତଦନ୍ତ ଓ ସଡ଼କ ସୁରକ୍ଷା ପରିଚାଳନା ସମ୍ପର୍କରେ ବିଶେଷ ବୈଷୟିକ ଜ୍ଞାନ ଏବଂ ବ୍ୟବହାରିକ ଅନୁଭୂତି ପ୍ରଦାନ କରିଥିଲେ।

ପ୍ରଶିକ୍ଷଣରେ ଦୁର୍ଘଟଣା ତଦନ୍ତ ପାଇଁ ଏକ ବ୍ୟବସ୍ଥିତ ଓ ବୈଜ୍ଞାନିକ ପଦ୍ଧତି ବିକଶିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଦୁର୍ଘଟଣାସ୍ଥଳ ପରୀକ୍ଷା, ଦୁର୍ଘଟଣାରେ ସହାୟକ କାରକ ଚିହ୍ନଟ, ପ୍ରମାଣର ବୈଜ୍ଞାନିକ ସଂଗ୍ରହ ଓ ସୁରକ୍ଷିତ ସଂରକ୍ଷଣ, ଦୁର୍ଘଟଣା ପୁନର୍ନିର୍ମାଣ, ଦୁର୍ଘଟଣାର ପରିସ୍ଥିତି ବିଶ୍ଳେଷଣ ଏବଂ ତଦନ୍ତ ରିପୋର୍ଟ ପ୍ରସ୍ତୁତି ଆଦି ବିଷୟ ସାମିଲ ଥିଲା। ଦୁର୍ଘଟଣା ତଦନ୍ତରୁ ମିଳୁଥିବା ତଥ୍ୟକୁ ପ୍ରତିଷେଧମୂଳକ ଓ କାର୍ଯ୍ୟକ୍ଷମ ପଦକ୍ଷେପରେ ପରିଣତ କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା

ସଡ଼କ ସୁରକ୍ଷା ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ପ୍ରାଥମିକତା ହୋଇଥିବାବେଳେ, ଓଡ଼ିଶା ପୁଲିସ ଓ ରାଜ୍ୟ ପରିବହନ ପ୍ରାଧିକରଣ ପ୍ରତିରୋଧ, ଆଇନ ପ୍ରବର୍ତ୍ତନ, ତଦନ୍ତ, ତଥ୍ୟ ବିଶ୍ଳେଷଣ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି।

ଏସ୍‌ଟିଏ ପକ୍ଷରୁ ସଡ଼କ ସୁରକ୍ଷା କ୍ଷେତ୍ରରେ ତଥ୍ୟଭିତ୍ତିକ ଓ ପ୍ରଯୁକ୍ତିନିର୍ଭର ପଦ୍ଧତିକୁ ପ୍ରୋତ୍ସାହନ ଦେବା ପାଇଁ ସଡ଼କ ସୁରକ୍ଷା ତଥ୍ୟ ପରିଚାଳନାକୁ ସୁଦୃଢ଼ କରିବା, ରୋଡ୍ ସେଫ୍ଟି ଡ୍ୟାସ୍‌ବୋର୍ଡ ବିକଶିତ କରିବା, ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ଦୁର୍ଘଟଣା ପ୍ରତିରୋଧ ପାଇଁ ପ୍ରମାଣଭିତ୍ତିକ ପଦକ୍ଷେପ ଗ୍ରହଣ ଭଳି ଅନେକ ପଦକ୍ଷେପ ନିଆଯାଉଛି।

ନିର୍ଭରଯୋଗ୍ୟ ଦୁର୍ଘଟଣା ତଥ୍ୟକୁ ବୈଜ୍ଞାନିକ ତଦନ୍ତ ସହ ସମନ୍ୱିତ କରାଗଲେ ଦୁର୍ଘଟଣାର ଧାରା, ଅସୁରକ୍ଷିତ ସ୍ଥାନ ଏବଂ ଦୁର୍ଘଟଣାରେ ସହାୟକ କାରକଗୁଡ଼ିକ ଚିହ୍ନଟ କରିବା ସହଜ ହେବ। ଏହା ଦ୍ୱାରା ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଅଧିକ ଲକ୍ଷ୍ୟଭିତ୍ତିକ ଓ ପ୍ରଭାବଶାଳୀ ସଡ଼କ ସୁରକ୍ଷା ପଦକ୍ଷେପ ଗ୍ରହଣ କରିପାରିବେ।

ବୈଜ୍ଞାନିକ ଦୁର୍ଘଟଣା ତଦନ୍ତ ପାଇଁ ଆଇଆଇଟି ମାଡ୍ରାସର ବୈଷୟିକ ଦକ୍ଷତା

ପ୍ରଶିକ୍ଷଣର ବୈଷୟିକ ଅଧିବେଶନଗୁଡ଼ିକ ଏସ୍‌ଟିଏ, ଓଡ଼ିଶାର ବୈଷୟିକ ପରାମର୍ଶଦାତା ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ବିଶେଷଜ୍ଞମାନେ ବୈଜ୍ଞାନିକ ଦୁର୍ଘଟଣା ତଦନ୍ତ ସମ୍ପର୍କରେ ନିଜର ଜ୍ଞାନ ଏବଂ କ୍ଷେତ୍ରଭିତ୍ତିକ ପଦ୍ଧତି ବିଷୟରେ ଅବଗତ କରାଇଥିଲେ। ଏହା ଦ୍ୱାରା ଅଂଶଗ୍ରହଣକାରୀ ଅଧିକାରୀମାନେ ସଡ଼କ ଦୁର୍ଘଟଣାର ବୈଷୟିକ ଓ ବିଶ୍ଳେଷଣାତ୍ମକ ଦିଗ ସମ୍ପର୍କରେ ଅଧିକ ସ୍ପଷ୍ଟ ଧାରଣା ହାସଲ କରିଥିଲେ।

ପ୍ରଶିକ୍ଷଣରେ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା ଯେ, ପ୍ରଭାବଶାଳୀ ଦୁର୍ଘଟଣା ତଦନ୍ତ କେବଳ ତତ୍କାଳୀନ କାରଣ ନିର୍ଣ୍ଣୟରେ ସୀମିତ ନ ରହି, ସଡ଼କ ନିର୍ମାଣଜନିତ ତ୍ରୁଟି, ଯାନବାହନ ସମ୍ପର୍କିତ କାରକ, ମାନବୀୟ ତ୍ରୁଟି ଏବଂ ଅନ୍ୟାନ୍ୟ ସହାୟକ ପରିସ୍ଥିତିକୁ ମଧ୍ୟ ଚିହ୍ନଟ କରିବା ଆବଶ୍ୟକ।

ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ଆଇଜିପି, କେନ୍ଦ୍ରାଞ୍ଚଳ ଡଃ ସତ୍ୟଜିତ ନାୟକ କହିଥିଲେ, "ପ୍ରତ୍ୟେକ ସଡ଼କ ଦୁର୍ଘଟଣା ଆମକୁ ସେହି ତ୍ରୁଟିଗୁଡ଼ିକ ବିଷୟରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରେ, ଯାହାର ସମାଧାନ ଆବଶ୍ୟକ। ବୈଜ୍ଞାନିକ ତଦନ୍ତ ଆମକୁ ସେହି ତ୍ରୁଟିଗୁଡ଼ିକୁ ବୁଝିବାରେ ସହାୟତା କରେ ଏବଂ ଭବିଷ୍ୟତରେ ସମାନ ଦୁର୍ଘଟଣାକୁ ରୋକିବା ପାଇଁ ଉପଯୁକ୍ତ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣର ସୁଯୋଗ ଦେଇଥାଏ।"

ସେ ପୁଲିସ, ପରିବହନ ବିଭାଗ, ସଡ଼କ ନିର୍ମାଣ ଓ ରକ୍ଷଣାବେକ୍ଷଣ ସହ ସମ୍ପୃକ୍ତ ସଂସ୍ଥା ଏବଂ ବୈଷୟିକ ବିଶେଷଜ୍ଞମାନଙ୍କ ମଧ୍ୟରେ ସମନ୍ୱୟର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଦୁର୍ଘଟଣା ତଦନ୍ତରୁ ମିଳୁଥିବା ନିଷ୍କର୍ଷକୁ ପ୍ରଭାବଶାଳୀ ପ୍ରତିଷେଧମୂଳକ ପଦକ୍ଷେପରେ ପରିଣତ କରିବା ପାଇଁ ଏହି ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଥିଲେ।

"ସଡ଼କ ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ"

ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଶ୍ରୀ ଅମିତାଭ ଠାକୁର, ଆଇପିଏସ୍, ପରିବହନ କମିଶନର-ତଥା-ଅଧ୍ୟକ୍ଷ, ରାଜ୍ୟ ପରିବହନ ପ୍ରାଧିକରଣ, ଓଡ଼ିଶା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ଏହି ଅବସରରେ ଶ୍ରୀ ଅମିତାଭ ଠାକୁର ବୈଜ୍ଞାନିକ ତଦନ୍ତ, ପ୍ରଯୁକ୍ତି ଏବଂ ସମନ୍ୱିତ ପଦକ୍ଷେପ ମାଧ୍ୟମରେ ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

"ସଡ଼କ ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ। ଦୁର୍ଘଟଣାର ପ୍ରକୃତ କାରଣ ଚିହ୍ନଟ କରିବା ଏବଂ ପ୍ରଭାବଶାଳୀ ପ୍ରତିଷେଧମୂଳକ ପଦକ୍ଷେପ ବିକଶିତ କରିବା ପାଇଁ ବୈଜ୍ଞାନିକ ତଦନ୍ତ, ନିର୍ଭରଯୋଗ୍ୟ ତଥ୍ୟ ଏବଂ ସମସ୍ତ ଅଂଶୀଦାରଙ୍କ ସମନ୍ୱିତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ।"

ସେ ପ୍ରଶିକ୍ଷଣରୁ ହାସଲ କରିଥିବା ଜ୍ଞାନକୁ ନିଜର କ୍ଷେତ୍ରୀୟ ଦାୟିତ୍ୱରେ ପ୍ରୟୋଗ କରିବା ସହ ଓଡ଼ିଶାରେ ଏକ ସୁଦୃଢ଼ ସଡ଼କ ସୁରକ୍ଷା ବ୍ୟବସ୍ଥା ଗଠନରେ ଯୋଗଦାନ କରିବା ପାଇଁ ଅଂଶଗ୍ରହଣକାରୀ ଅଧିକାରୀମାନଙ୍କୁ ଆହ୍ୱାନ କରିଥିଲେ।ଏକଦିନିଆ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀ ଅଧିକାରୀମାନଙ୍କୁ ବୈଜ୍ଞାନିକ ଦୁର୍ଘଟଣା ତଦନ୍ତ ସମ୍ପର୍କରେ ବ୍ୟବହାରିକ ଜ୍ଞାନ ଓ ବୈଷୟିକ ଅନ୍ତର୍ଦୃଷ୍ଟି ପ୍ରଦାନ କରିବା ସହ ଦୁର୍ଘଟଣା ତଦନ୍ତ, ତଥ୍ୟ ବିଶ୍ଳେଷଣ ଏବଂ ପ୍ରତିଷେଧମୂଳକ ସଡ଼କ ସୁରକ୍ଷା ପଦକ୍ଷେପ ମଧ୍ୟରେ ସମନ୍ୱୟର ଗୁରୁତ୍ୱକୁ ଆହୁରି ସୁଦୃଢ଼ କରିଥିଲା।

ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣକାରୀ ଅଧିକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ଏହି ପ୍ରଶିକ୍ଷଣର ବ୍ୟବହାରିକ ଆଭିମୁଖ୍ୟ ଏବଂ ଆଇଆଇଟି ମାଡ୍ରାସର ବୈଷୟିକ ବିଶେଷଜ୍ଞମାନଙ୍କଠାରୁ ଜ୍ଞାନ ଆହରଣର ସୁଯୋଗକୁ ପ୍ରଶଂସା କରିଥିଲେ।

ଏହି ପଦକ୍ଷେପ ବୈଜ୍ଞାନିକ, ପ୍ରଯୁକ୍ତିନିର୍ଭର ଏବଂ ପ୍ରମାଣଭିତ୍ତିକ ସଡ଼କ ସୁରକ୍ଷା ପଦ୍ଧତିକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ପୁଲିସ ଓ ରାଜ୍ୟ ପରିବହନ ପ୍ରାଧିକରଣର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସଡ଼କ ସୁରକ୍ଷା ସମସ୍ୟାର ସମାଧାନ ପାଇଁ ପୁଲିସିଂ ଦକ୍ଷତା, ପରିବହନ ପ୍ରଶାସନ, ପ୍ରଯୁକ୍ତି ଏବଂ ଶିକ୍ଷାନୁଷ୍ଠାନର ବୈଷୟିକ ଜ୍ଞାନକୁ ଏକତ୍ରିତ କରିବା ଦିଗରେ ଏହା ରାଜ୍ୟର ପ୍ରତିବଦ୍ଧତାକୁ ମଧ୍ୟ ସୁଦୃଢ଼ କରୁଛି।

ଏପରି ସହଯୋଗଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶା ଏକ ଅଧିକ ବୈଜ୍ଞାନିକ, ସମନ୍ୱିତ ଏବଂ ପ୍ରତିଷେଧମୂଳକ ସଡ଼କ ସୁରକ୍ଷା ବ୍ୟବସ୍ଥା ଦିଗରେ ଆଗେଇ ଚାଲିଛି। ଏହାର ମୂଳ ଲକ୍ଷ୍ୟ ହେଉଛି ସଡ଼କ ଦୁର୍ଘଟଣା ହ୍ରାସ କରିବା, ଜୀବନ ରକ୍ଷା କରିବା ଏବଂ ପ୍ରତ୍ୟେକ ସଡ଼କ ବ୍ୟବହାରକାରୀଙ୍କ ପାଇଁ ସଡ଼କକୁ ଅଧିକ ସୁରକ୍ଷିତ କରିବା।

# ଓଡ଼ିଶାର ଭବିଷ୍ୟତ ନିର୍ମାଣ ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ: ରାଜ୍ୟପାଳ



ଭୁବନେଶ୍ୱର, ୨୬/୮ : ଓଡ଼ିଶାର ଭବିଷ୍ୟତ ନିର୍ମାଣ ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଉପରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି ଓ ସରକାର, ନାଗରିକ, ଶିକ୍ଷାନୁଷ୍ଠାନ, ଶିକ୍ଷାବିତ, ସିଭିଲ ସୋସାଇଟି ଓ ଗଣମାଧ୍ୟମର ସମ୍ମିଳିତ ପ୍ରୟାସ ମାଧ୍ୟମରେ ଓଡ଼ିଶା ଗଢ଼ିବାକୁ ହେବ ଯେଉଁଠି ପ୍ରତ୍ୟେକ ଯୁବକ ବିଶ୍ୱାସର ସହ ସ୍ୱପ୍ନ ଦେଖିପାରିବେ, ମହିଳାମାନେ ମର୍ଯ୍ୟାଦାର ସହ ନେତୃତ୍ୱ ନେଇପାରିବେ, ଶିଶୁମାନେ ସୁଯୋଗ ସହିତ ଶିକ୍ଷା ଗ୍ରହଣ କରିପାରିବେ ଏବଂ ବିକାଶ ଧାଡ଼ିର ଶେଷ ବ୍ୟକ୍ତି ପାଖରେ ପହଞ୍ଚି ପାରିବ ବୋଲି ରାଜ୍ୟପାଳ କହିଛନ୍ତି ।

ମଙ୍ଗଳବାର ଦିନ ଓଡ଼ିଆ ଦୈନିକ ସମ୍ବାଦପତ୍ର 'ସକାଳ' ଓ ନନ୍ଦିଘୋଷ ଟିଭି ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା 'ଅଭ୍ୟୁଦୟ କନ୍‌କ୍ଲେଭ୍ ୨୦୨୬'ର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି ।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଓଡ଼ିଶା ବିକଶିତ ଓଡ଼ିଶା ୨୦୩୬ ଦିଗରେ ଅଗ୍ରସର ହେଉଥିବା ସମୟରେ ଏହି ଦୁଇଦିନିଆ କନ୍‌କ୍ଲେଭ ସମୟୋପଯୋଗୀ ଓ ପ୍ରାସଙ୍ଗିକ। ଓଡ଼ିଶା ଏକ ନୂଆ ଦ୍ୱାରଦେଶରେ ଠିଆ ହୋଇଛି । ଖଣିଜ ସମ୍ପଦରୁ ମୂଲ୍ୟ ସଂଯୋଜନ, ଉତ୍ପାଦନ, ନବୀକରଣ, ପ୍ରଯୁକ୍ତି, ଉଦ୍ୟମିତା ଓ ଗୁଣବତ୍ତାସମ୍ପନ୍ନ ନିଯୁକ୍ତି ଦିଗରେ ଅଗ୍ରସର ହେବାର ଆବଶ୍ୟକତା ଉପରେ ଆଲୋକପାତ କରିବା ସହିତ ରାଜ୍ୟର ଖଣିଜ ସମ୍ପଦ ମାନବ ବିକାଶ ଓ ସମୃଦ୍ଧିର ଉତପ୍ରେରକ ହେବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି।

ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଦୃଷ୍ଟିକୋଣ ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଓଡ଼ିଶାର ବିକାଶକୁ ଆଗେଇ ନେଉଥିବା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ।

ଶିକ୍ଷାକୁ ବିକାଶର ପ୍ରମୁଖ ପ୍ରାଥମିକତା ଭାବେ ଚିହ୍ନଟ କରି ଜ୍ଞାନ, ଗବେଷଣା, ନବୀକରଣ ଓ ନେତୃତ୍ୱ ଉପରେ କେନ୍ଦ୍ରିତ ଉତ୍କର୍ଷ କେନ୍ଦ୍ର ଗଢ଼ିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ଯୁବପିଢ଼ୀକୁ କେବଳ ଚାକିରି ଖୋଜିବା ନୁହେଁ, ଚାକିରି ସୃଷ୍ଟି କରିବା ପାଇଁ ମଧ୍ୟ ପ୍ରସ୍ତୁତ କରାଯିବା ଉଚିତ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ।

ମହିଳା ନେତୃତ୍ୱାଧୀନ ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ମହିଳାମାନଙ୍କ ପାଇଁ ଶିକ୍ଷା, ପ୍ରଯୁକ୍ତି, ଅର୍ଥ, ସମ୍ପତ୍ତି, ଉଦ୍ୟମିତା ଓ ନେତୃତ୍ୱ ସୁଯୋଗ ବୃଦ୍ଧି କରିବାକୁ ରାଜ୍ୟପାଳ କହିଥିଲେ।

ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ସଫଳତା ଉପରେ ଆଲୋକପାତ କରି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ପ୍ରାକ ସତର୍କ ସୂଚନା ବ୍ୟବସ୍ଥା, ସ୍ଥାୟୀ ଭିତ୍ତିଭୂମି ଏବଂ ଗୋଷ୍ଠୀ ଅଂଶଗ୍ରହଣ ମାଧ୍ୟମରେ ବିପର୍ଯ୍ୟୟ ପ୍ରତିକ୍ରିୟାରୁ ବିପର୍ଯ୍ୟୟ ପରିଚାଳନା ଆଡ଼କୁ ପରିବର୍ତ୍ତନ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ।କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଉତ୍ଥାନକୁ ପ୍ରଶଂସା କରିବା ସହ ପ୍ରତ୍ୟେକ ଜିଲ୍ଲାରେ ଗୁଣବତ୍ତାସମ୍ପନ୍ନ କ୍ରୀଡ଼ା ଭିତ୍ତିଭୂମି ଏବଂ ଶିଶୁ ଓ ଯୁବ ଖେଳାଳିମାନଙ୍କ ପ୍ରତିଭା ବିକାଶ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାକୁ ରାଜ୍ୟପାଳ କହିଥିଲେ।

ବିକଶିତ ଓଡ଼ିଶାକୁ କେବଳ ଆର୍ଥିକ ଅଭିବୃଦ୍ଧି ଓ ଭିତ୍ତିଭୂମି ଦ୍ୱାରା ନୁହେଁ, ଶିକ୍ଷାର ଗୁଣବତ୍ତା, ମହିଳାଙ୍କ ମର୍ଯ୍ୟାଦା, ଗୋଷ୍ଠୀ ସ୍ଥାୟିତ୍ୱତା, ନାଗରିକଙ୍କ ସ୍ୱାସ୍ଥ୍ୟ ଓ ଯୁବପିଢ଼ିର ଆତ୍ମବିଶ୍ୱାସ ଦ୍ୱାରା ମଧ୍ୟ ମପାଯିବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି।

ନାଗରିକଙ୍କୁ ସଚେତନ କରାଇବା, ତ୍ରୁଟି ଲୋକଲୋଚନକୁ ଆଣିବା ଏବଂ ଯୁବ ଉଦ୍‌ଯୋଗୀ, ଚାଷୀ, ମହିଳା ଉଦ୍‌ଯୋଗୀ, ଖେଳାଳି ଓ ବୈଜ୍ଞାନିକଙ୍କ କାହାଣୀ ଉପସ୍ଥାପନ କରିବା ପାଇଁ ଗଣମାଧ୍ୟମକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଏହିପରି କାହାଣୀ କେବଳ ସୂଚନା ଦେଇ ନଥାଏ; ସେଗୁଡ଼ିକ ପ୍ରେରଣା ଦିଏ, ଉତ୍ସାହିତ କରେ ଏବଂ ପରିବର୍ତ୍ତନ ସୃଷ୍ଟି କରିବାର ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ ବୋଲି ରାଜ୍ୟପାଳ କହିଥିଲେ।

ଏହି ଅବସରରେ ମାନ୍ୟବର ରାଜ୍ୟସଭା ସାଂସଦ ଏବଂ ନନ୍ଦିଘୋଷ ଟିଭି ଓ ସକାଳର ଅଧ୍ୟକ୍ଷ ଶ୍ରୀ ମାନସ ମଙ୍ଗରାଜ ଏବଂ ସକାଳର ମୁଦ୍ରାକର ଓ ପ୍ରକାଶକ ଶ୍ରୀ ଅମିତ ମଲ୍ଲିକ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ନନ୍ଦିଘୋଷ ଟିଭିର ସିଓଓ ଜବର ସିଂହ ପାନଓ୍ୱାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ନନ୍ଦିଘୋଷ ଟିଭି ଓ ଦ ସକାଳର ମୁଖ୍ୟ ସମ୍ପାଦକ ସମରେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ର ସଂସଦ ନିର୍ବାଚନ ଓ କ୍ୟାମ୍ପସ ସମସ୍ୟା ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏବିଭିପିର ଦାବିପତ୍ର



ଭୁବନେଶ୍ୱର, ୨୬/୮ :ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦଙ୍କୁ ଭେଟି ଛାତ୍ର ସଂସଦ ନିର୍ବାଚନ, ଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ଛାତ୍ର ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ଦୀର୍ଘ ସମୟ ଧରି ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ନହେବା ଫଳରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ବାଧାପ୍ରାପ୍ତ ହେଉଛି। ତେଣୁ ଚଳିତ ଶିକ୍ଷାବର୍ଷରେ ଛାତ୍ର ସଂସଦ ନିର୍ବାଚନ ଶୀଘ୍ର ଘୋଷଣା କରିବା ସହ ଛାତ୍ରମାନଙ୍କ ସମସ୍ୟାର ସମାଧାନ ପାଇଁ ପରିଚାଳନା କମିଟି ଗଠନ କରିବାକୁ ଏବିଭିପି ପକ୍ଷରୁ ଦାବି କରାଯାଇଛି ।ଏଥିସହ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ପରିମଳ, ପାନୀୟ ଜଳ, ଶିକ୍ଷା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବା ନେଇ ମଧ୍ୟ କୁଳପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏବିଭିପି ପକ୍ଷରୁ କୁହାଯାଇଛି ଯେ, ଛାତ୍ରଛାତ୍ରୀଙ୍କ ନ୍ୟାୟସଙ୍ଗତ ଦାବି ଓ ଗଣତାନ୍ତ୍ରିକ ଅଧିକାର ପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସକାରାତ୍ମକ ପଦକ୍ଷେପ ନେବେ ବୋଲି ଆଶା ରହିଛି। ଛାତ୍ର ସମାଜର ହିତ ପାଇଁ ଏବିଭିପି ଆଗାମୀ ଦିନରେ ମଧ୍ୟ ସକ୍ରିୟ ଭାବେ କାର୍ଯ୍ୟ କରିବ।

## ବିଶିଷ୍ଟ କବି ସୁରେନ୍ଦ୍ର କୁମାର ବେହେରାଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ




କେନ୍ଦ୍ରାପଡ଼ା ୨୬/୮: କେନ୍ଦ୍ରାପଡ଼ା ସହର ନିକଟସ୍ଥ ଚଣ୍ଡିଆ ପ୍ୟାଲେସ୍ ରେ କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦ ଓ ଡେରାବିଶ ସାହିତ୍ୟ ସଂସ୍କୃତି ପରିଷଦ,ନହଙ୍ଗ ଆନୁକୁଲ୍ୟରେ ଶ୍ରୀ ଯୁକ୍ତ ସୁରେନ୍ଦ୍ର କୁମାର ବେହେରା ଦ୍ୱାରା ଲିଖିତ ପୁସ୍ତକ 'ଦୋ ଛକିରେ ଜୀବନ' ର ଶୁଭ ଲୋକାର୍ପଣ ହୋଇଯାଇଛି।

ଏହି ପୁସ୍ତକ ରେ ସାଧାରଣ ଜନ ଜୀବନ ର ବାସ୍ତବତା ଏବଂ କରୋନା ଭଳି ମହାମାରୀ ର ବିସ୍ତୃତ ବିଭିସିକା କୁ କବିତା ମାଧ୍ୟମରେ ସରଳ ଏବଂ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଛି।

ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ନଟବର ଶତପଥୀ, ମୁଖ୍ୟ ବକ୍ତା ଡଃ ବିଜୟଲକ୍ଷ୍ମୀ ଦାଶ, ସମ୍ମାନିତ ଅତିଥି ପ୍ରଫେସର ନନ୍ଦକିଶୋର ପରିଡ଼ା, ବିଶିଷ୍ଟ ଅତିଥି ଡକ୍ଟର ବାସୁଦେବ ଦାସ, ସମ୍ମାନିତ ଅତିଥି ଶ୍ରୀ ଯୁକ୍ତ ନିରାକାର ଦାସ୍, ଅନ୍ୟତମ ସମ୍ମାନିତ ଅତିଥି ଡ଼ ସର୍ବ ?ଶ୍ୱର ସେଣ, ଶ୍ରୀ ଯୁକ୍ତ କରୁଣାକର ଦାସ ଯୋଗ ଦେଇ ବାସ୍ତବ ଜୀବନରେ କବିତା ର ମହତ୍ୱ ବିଷୟରେ ଆଲୋଚନା କରିଥିଲେ।

ଏହି ଲୋକାର୍ପଣ ଉତ୍ସବ କୁ କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦ ସଭାପତି ଶ୍ରୀ ଯୁକ୍ତ ଶୁଭାନ୍‌ଶୁ କୁମାର ଦାସ ପରିଚାଳନା କରିଥିଲେ ତତ୍ ସହିତ ଜିଲ୍ଲାର ଜଣାଶୁଣା ଆଇନଜୀବୀ ତଥା କେନ୍ଦ୍ରାପଡ଼ା ବାଲିଯାତ୍ରା ର ସଭାପତି ଶ୍ରୀ ଯୁକ୍ତ ପ୍ରଦିପ କୁମାର ଦାସ ଅତିଥି ମାନଙ୍କ ପରିଚୟ ଦେବା ସହ ସଭା ସମାପନ କରିଥିଲେ।

### ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହେଲା ଶ୍ରାବଣ ମାସ

# ୩୪ ଲକ୍ଷରୁ ଅଧିକ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ସୁନିଶ୍ଚିତ କଲା ଓଡ଼ିଶା ପୋଲିସ



କଟକ, ୨୬/୮ :ପବିତ୍ର ଶ୍ରାବଣ ମାସ ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠରେ ଭକ୍ତମାନଙ୍କ ସୁରକ୍ଷିତ ଦର୍ଶନ, ସୁଗମ ଯାତାୟାତ ଓ ଶୃଙ୍ଖଳିତ ଭିଡ଼ ପରିଚାଳନା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶ୍ରାବଣ ମାସର ଚାରିଟି ସୋମବାରରେ ୩୫ଟି ପୋଲିସ ଜିଲ୍ଲାର ୪୫୨ଟି ପ୍ରମୁଖ ଶୈବ ପୀଠରେ ୩୪ ଲକ୍ଷରୁ ଅଧିକ ଭକ୍ତ ସୁରକ୍ଷିତ ଭାବେ ଦର୍ଶନ କରିଛନ୍ତି।

ଉଲ୍ଲେଖ ଯୋଗ୍ୟ ଯେ, ଶ୍ରାବଣ ମାସକୁ ଦୃଷ୍ଟିରେ ରଖି ସୁରକ୍ଷା, ଭିଡ଼ ଓ ଯାତାୟାତ ପରିଚାଳନା ପାଇଁ ରାଜ୍ୟବ୍ୟାପୀ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମେଳା ସମୟରେ କୌଣସି ଅଞ୍ଚଳରେ ବଡ଼ଧରଣର ଆଇନଶୃଙ୍ଖଳା ସମସ୍ୟା କିମ୍ବା ଦଳାଚକଟା ଭଳି ଅଘଟଣ ଘଟିନଥିଲା।

ଚଳିତ ବର୍ଷ ଭକ୍ତ ସମାଗମକୁ ଆଧାର କରି ବିଭିନ୍ନ ଶୈବପୀଠରେ ଆବଶ୍ୟକତାନୁସାରେ ପୋଲିସ ଫୋର୍ସ ନିୟୋଜିତ କରାଯାଇଥିଲା। ବଲାଙ୍ଗୀର, ବାଲେଶ୍ୱର ଓ କୋରାପୁଟ ଜିଲ୍ଲାରେ ଥିବା ଶୈବ ପୀଠ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କେନ୍ଦ୍ରାଞ୍ଚଳ,କଟକ ଅଧୀନରେ ଲୋକନାଥ ଦେବ, ଯୋଡ଼ଲିଙ୍ଗ ଶିବ, ବାଲିକପିଳେଶ୍ୱର ଓ ଧବଳେଶ୍ୱର ଭଳି ପ୍ରମୁଖ ଶୈବପୀଠରେ ମଧ୍ୟ ବ୍ୟାପକ ପୋଲିସ ନିୟୋଜିତ କରାଯାଇଥିଲା। ସେହିପରି ରାଜ୍ୟର ରେଞ୍ଜରେ ଭକ୍ତଙ୍କ ସମାଗମ ଅନୁଯାୟୀ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

ପ୍ରତ୍ୟେକ ଶ୍ରାବଣ ସୋମବାର ପୂର୍ବରୁ କମିଶନରେଟ୍ ପୋଲିସ ଓ ଜିଲ୍ଲା ପୋଲିସ ପକ୍ଷରୁ ଆଗୁଆ ଯାତାୟତ ପରାମର୍ଶ ଜାରି କରାଯାଇଥିଲା। ରବିବାର ସନ୍ଧ୍ୟାରୁ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ସମ୍ଭାବ୍ୟ ଭିଡ଼କୁ ଆକଳନ କରି ସମ୍ବେଦନଶୀଳ ଅଞ୍ଚଳରେ ଆବଶ୍ୟକ ଯାତାୟାତ କଟକଣା ଲାଗୁ କରାଯାଇଥିଲା। ଗଡ଼ଗଡ଼ିଆ ଘାଟ ଓ ମଧୁସୂଦନ ସେତୁ ଭଳି ସ୍ଥାନରେ ଯାତାୟାତକୁ ସୁଚାରୁ ଭାବେ ନିୟନ୍ତ୍ରଣ କରାଯିବା ସହ ଜରୁରୀକାଳୀନ ଯାନବାହନର ଚଳାଚଳ ନିରବଚ୍ଛିନ୍ନ ରଖାଯାଇଥିଲା। ପ୍ରମୁଖ ମନ୍ଦିରଗୁଡ଼ିକରେ ଅତ୍ୟଧିକ ଭିଡ଼କୁ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଭିଡ଼ ନିୟନ୍ତ୍ରଣ ଦଳ, କୁଇକ୍ ରେସପନ୍ସ ଟିମ୍ କୁ ସଜାଗ ରଖାଯାଇଥିଲା।

ମହିଳା, ବରିଷ୍ଠ ନାଗରିକ, ଶିଶୁ ଓ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ପ୍ରମୁଖ ଶୈବପୀଠଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା ଓ ସହାୟତା ବ୍ୟବସ୍ଥା କରାଯାଇଥିଲା। ନଦୀ ଓ ଅନ୍ୟାନ୍ୟ ଜଳପଥ ନିକଟରେ ମଧ୍ୟ ସୁରକ୍ଷାକୁ ସୁଦୃଢ଼ କରାଯାଇଥିଲା। ମନ୍ଦିର ସେବାୟତ, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

ଶ୍ରାବଣ ମେଳା ପରିଚାଳନାରେ ନିର୍ଦ୍ଧାରିତ ପରିଚାଳନା ନୀତିକୁ ଅନୁସରଣ କରାଯିବା ସହ ବିଭିନ୍ନ ପର୍ଯ୍ୟାୟରେ ଏକାଧିକ ସମନ୍ୱୟ ବୈଠକ ଆୟୋଜନ କରାଯାଇଥିଲା। ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ନିରନ୍ତର ଯୋଗାଯୋଗ, ସୂଚନା ଆଦାନପ୍ରଦାନ ଯୋଗୁଁ ସମଗ୍ର ମେଳା ପରିଚାଳନା ସୁଚାରୁ ଭାବେ ସମ୍ପନ୍ନ ହୋଇପାରିଥିଲା।

ସୁଚିନ୍ତିତ ଯୋଜନା, ବିଭିନ୍ନ ରେଞ୍ଜ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ଭକ୍ତମାନଙ୍କ ସହଯୋଗ ଯୋଗୁଁ ଶ୍ରାବଣ ମାସ ଶୃଙ୍ଖଳିତ ଭାବେ ସମାପ୍ତ ହୋଇଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ର ମତବ୍ୟକ୍ତ କରିଛନ୍ତି । ଏହି ଅଭିଯାନରେ ସୂଚାରୁ ରୁପେ କାର୍ଯ୍ୟ ସମ୍ପାଦନ କରିଥିବା ସମସ୍ତ ରେଞ୍ଜର ଅଧିକାରୀ, ପୋଲିସ ଜିଲ୍ଲାର ଏସ୍‌ପି ଏବଂ ସେମାନଙ୍କ ସମଗ୍ର ଟିମ୍‌କୁ ସାଧୁବାଦ ଜଣାଇଛନ୍ତି।

### ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରସ୍ତୁତି ବୈଠକ

## ଆସନ୍ତା ୨ରେ ପ୍ରଥମ ପର୍ଯ୍ୟାୟ ଯାତ୍ରା



ଭୁବନେଶ୍ୱର, ୨୬/୮ :ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ବୈଠକ ଖୋରଧା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ଖୋରଧା, ପୁରୀ, କଟକ,ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାର ୭୭୫ ଜଣ ତୀର୍ଥଯାତ୍ରୀ ଆସନ୍ତା ସେପ୍‌ଟେମ୍ବର ୨ ତାରିଖରେ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନରେ ବାରଣାସୀ-ଅଯୋଧ୍ୟା ଯାତ୍ରା କରିବେ । ସେମାନେ ତୀର୍ଥ ସାରି ସେପ୍‌ଟେମ୍ବର ୭ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ । ସେମାନଙ୍କୁ ସହଯୋଗ କରିବାକୁ ୨୫ଜଣ ଅଧିକାରୀ ମଧ୍ୟ ଯାତ୍ରା କରିବେ ।

ଏହି ପ୍ରଥମ ପର୍ଯ୍ୟାୟରେ ଖୋରଧା ଜିଲ୍ଲାର ୧୬୯ ଜଣ , ପୁରୀରୁ ୧୨୭, କଟକର ୧୯୭,ଜଗତସିଂହପୁର ଜିଲ୍ଲାର ୮୫, କେନ୍ଦ୍ରାପଡ଼ାରୁ ୧୦୮ଓ ଢେଙ୍କାନାଳ ଜିଲ୍ଲାର ୮୯ଜଣ ତୀର୍ଥଯାତ୍ରୀ ଯାତ୍ରା କରିବେ । ରାଜ୍ୟ ସରକାରଙ୍କ ଏହି ଯୋଜନା ମାଧ୍ୟମରେ ଆର୍ଥିକ ସ୍ୱଚ୍ଛଳ ନଥିବା ବରିଷ୍ଠ ନାଗରିକ ମାନେ ବିନା ମୂଲ୍ୟରେ ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ କରିବାର ସୁଯୋଗ ପାଇପାରିବେ । ଆସନ୍ତା ୧ ତାରିଖରେ ସମ୍ପୃକ୍ତ ଜିଲ୍ଲାରୁ ସ୍ୱତନ୍ତ୍ର ବସ ଦ୍ୱାରା ତିର୍ଥଯାତ୍ରୀ ମାନେ ପହଂଚିବା ପରେ ସେମାନଙ୍କୁ ଆତିଥେୟତା ପ୍ରଦାନ କରାଯିବ । ଏଥିନିମନ୍ତେ କ୍ୟାପିଟାଲ ହାଇସ୍କୁଲ, ଭାରତ ସ୍କାଉଟ ଓ ଗାଇଡ଼, ବିପିନ ବିହାରୀ ଚୌଧୁରୀ ଶ୍ରୁତିବାଧିତ ଓ ଭୀମ ଭୋଇ ଦୃଷ୍ଟି ବାଧିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ରହିବା, ସୁରକ୍ଷା ଖାଦ୍ୟପେୟ ଓ ଭଜନ କାର୍ଯ୍ୟକ୍ରମର ବ୍ୟାପକ ବନ୍ଦୋବସ୍ତ କରାଯିବ । ସ୍ୱତନ୍ତ୍ର ଅଧିକାରୀ ମାନେ ଉପସ୍ଥିତ ରହି ପ୍ରକ୍ରିୟାର ଯାଞ୍ଚ କରିବେ ।

ଏଥିନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରିବା ସହ ଅଧିକାରୀ ମାନେ ଉପସ୍ଥିତ ରହି ଦାୟିତ୍ୱ ସମ୍ପର୍ଣ୍ଣ କରିବାକୁ ଶ୍ରୀ ବେଉରା ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ପରିମଳ, ଖାଦ୍ୟ, ପାନୀୟ ଅଗ୍ନି ନିରାପତ୍ତା, ସୁରକ୍ଷା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା ।

ଏହି ଅବସରରେ ଭୁବନେଶ୍ୱର ଉପ-ଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ପର୍ଯ୍ୟଟନ ସହ ନିର୍ଦ୍ଦେଶକ ଶ୍ରୀ ଅଞ୍ଜନ କୁମାର ବାରିକ, ବିଭିନ୍ନ ବ୍ଲକର ବିଡ଼ିଓ ଓ ତହସିଲଦାର, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ,ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ଡିଆରଡିଓ ଦ୍ୱାରା ବିକଶିତ କ୍ଷେପଣାସ୍ତ୍ରର ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତରକୁ ପ୍ରତିରକ୍ଷାମନ୍ତ୍ରୀଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ, ୨୬/୮ (ପିଆଇବି):ପ୍ରତିରକ୍ଷା କ୍ଷେତ୍ରରେ 'ଆତ୍ମନିର୍ଭର ଭାରତ' ଲକ୍ଷ୍ୟକୁ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଡିଆରଡିଓ ଦ୍ୱାରା ବିକଶିତ ସମସ୍ତ ପାରମ୍ପରିକ କ୍ଷେପଣାସ୍ତ୍ର ପ୍ରଣାଳୀର ପ୍ରଯୁକ୍ତିବିଦ୍ୟାକୁ ଦେଶ ମଧ୍ୟରେ ଉତ୍ପାଦନ କରିବା ପାଇଁ ଭାରତୀୟ ପ୍ରତିରକ୍ଷା ଉଦ୍‌ଯୋଗକୁ ହସ୍ତାନ୍ତର କରିବାକୁ ମଞ୍ଜୁରୀ ଦେଇଛନ୍ତି। ଏହି ପ୍ରଯୁକ୍ତି ହସ୍ତାନ୍ତରଣ ପ୍ରତିରକ୍ଷା କ୍ଷେତ୍ରରେ ଦେଶୀୟ ଶିଳ୍ପଗୁଡ଼ିକର ଅଧିକ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ। ଏହା ଦ୍ୱାରା ନିର୍ଦ୍ଧାରିତ ଯୋଗ୍ୟତା, ପ୍ରମାଣପତ୍ର ଏବଂ ନିୟାମକ ଆବଶ୍ୟକତା ପୂରଣ କରି ଘରୋଇ ଶିଳ୍ପଗୁଡ଼ିକ ସ୍ୱଦେଶୀ ଉତ୍ପାଦନ କରିବାକୁ ସକ୍ଷମ ହେବେ।

ଏହି ପଦକ୍ଷେପ ଦ୍ୱାରା କ୍ଷେପଣାସ୍ତ୍ର ପ୍ରଣାଳୀର ବିକାଶକୁ ସଫଳତାର ସହିତ ଶିଳ୍ପ ଉତ୍ପାଦନ ପର୍ଯ୍ୟାୟକୁ ନିଆଯାଇପାରିବ। ଉନ୍ନତ ପ୍ରତିରକ୍ଷା ପ୍ରଣାଳୀର ବିକାଶ ଓ ଉତ୍ପାଦନ ପାଇଁ ଭାରତୀୟ ଶିଳ୍ପର କ୍ଷମତାକୁ ଉପଯୋଗ କରିବା ଲାଗି ଡିଆରଡିଓର ନିରନ୍ତର ପ୍ରୟାସକୁ ଏହା ପ୍ରତିଫଳିତ କରୁଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶୀୟ ଉତ୍ପାଦନ କ୍ଷମତା ବୃଦ୍ଧି କରିବା, ପ୍ରତିରକ୍ଷା ଶିଳ୍ପ ଭିତ୍ତିକୁ ଆହୁରି ସୁଦୃଢ଼ କରିବା ଏବଂ ଭାରତୀୟ ଏମଏସଏମଇ ଓ ଅନ୍ୟାନ୍ୟ ପ୍ରଯୁକ୍ତି ସହଯୋଗୀମାନଙ୍କୁ ଯୋଗାଣ ଶୃଙ୍ଖଳାରେ ଅଂଶଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରିବା।

ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଦେଶର ପ୍ରତିରକ୍ଷା କ୍ଷମତାକୁ ବଢ଼ାଇବା, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା, ଦେଶରେ ମୂଲ୍ୟ ସଂଯୁକ୍ତି ବୃଦ୍ଧି କରିବା ଏବଂ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରର ବିକାଶକୁ ସମର୍ଥନ କରିବା। ଉନ୍ନତ ପ୍ରତିରକ୍ଷା ପ୍ରଯୁକ୍ତିର ହସ୍ତାନ୍ତରଣ ଓ ଏହାକୁ ଦେଶୀୟ ଶିଳ୍ପରେ ବ୍ୟବହାର କରିବା ପାଇଁ ଡିଆରଡିଓ ଭାରତୀୟ ଶିଳ୍ପ ସହ ଘନିଷ୍ଠ ଭାବେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ। ଏହା ଦ୍ୱାରା ଦେଶର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଆହୁରି ସୁଦୃଢ଼ କରାଯିବ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati